# ଶେଷ ହେଲା ପ୍ରାର୍ଥିପତ୍ର ଦାଖଲ

# ଲୋକସଭା ପାଇଁ ୫ ଓ ବିଧାନସଭା ପାଇଁ ୨୧ ନାମାଙ୍କନ

**କେନ୍ଦ୍ରାପଡ଼ା, ୧୪।୫(ସମିସ):** ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ନାମାଙ୍କନ ପତ୍ର ଦାଖଲର ଶେଷ ଦିବସରେ ୨୬ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପାଇଁ ମିଳିଥିବା ୮ ଦିନ ସମୟସୀମା ମଧ୍ୟରେ ଜିଲ୍ଲାର ସମୁଦାୟ ୬୧ ଜଣ ପ୍ରାର୍ଥୀ ପତ୍ର ଦାଖଲକରିଛନ୍ତି।ସେଥିମଧ୍ୟରୁ ୪୮ ଜଣ ବିଧାୟକ ପ୍ରାର୍ଥୀ ହୋଇଥିବାବେଳେ ୧୩ ଜଣ ସାଂସଦ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଆଜିର ନାମାଙ୍କନ ଦାଖଲ ପତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାର ୯୬-ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ସମାଜବାଦୀ ପାର୍ଟିର ପ୍ରଦୀପ୍ତ କୁମାର ମିଶ୍ର ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିବା ବେଳେ ସ୍ୱାଧିନ ପ୍ରାର୍ଥୀ ଭାବେ ରୋନିତ୍ ରୋଷନ କାନୁନଗୋ ଏବଂ ବିଭୁତି ଭୂଷଣ ପଣ୍ଡା ନାମାଙ୍କନ ଦାଖଲ କରିଛନ୍ତି। ୯୭-କେନ୍ଦ୍ରାପଡ଼ା(ଅନୁସୂଚିତ ଜାତି) ବିଧାନସଭା ଆସନ ନିମନ୍ତେ ସମାଜବାଦୀ ପାର୍ଟିର ବିନୀତା ମଲ୍ଲିକ, ସମୃଦ୍ଧ ଓଡ଼ିଶାର ସନ୍ତୋଷ ମଲିକ, ଜନତା ଦରବାରର ପ୍ରାର୍ଥୀ ଶରତ ଚନ୍ଦ୍ର ସେଠୀ, ଇଣ୍ଡିଆନ୍ ସିଟିଜେନ୍ସ ପାର୍ଟିର ନରେନ୍ଦ୍ର କୁମାର ମଲିକ ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିବା ବେଳେ ସ୍ୱାଧିନ ପ୍ରାର୍ଥୀ ଭାବେ ସମାଜସେବୀ ଇଂ ମୁରଲୀଧର ସେଠୀ, ରଞ୍ଜନ ବେହେରା ଓ ଦିନବନ୍ଧୁ ମଲିକ ନାମାଙ୍କନ ଦାଖଲ କରିଛନ୍ତି। ୯୮-ଆଳି ବିଧାନସଭା କ୍ଷେତ୍ର ନିମନ୍ତେ ସ୍ୱାଧିନ ପ୍ରାର୍ଥୀ ପର୍ଶୁରାମ ଦାସ, ଦେବେନ୍ଦ୍ର ଶର୍ମା ଓ ଶ୍ରୀରାମ ପାଣ୍ଡେଙ୍କ ସମେତ ସମାଜବାଦୀ ପାର୍ଟିର ମୀନତି ସୁନ୍ଦରରାୟ ପ୍ରମୁଖ ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ୯୯-ରାଜନଗର ବିଧାନସଭା ଆସନ ପାଇଁ ସ୍ୱାଧିନ ପ୍ରାର୍ଥୀ ଭାବେ କଂଗ୍ରେସ ଦଳର ନାରୀନେତ୍ରୀ ସ୍ନେହଲତା ରାୟ ଏବଂ ଅଜିତ୍ କୁମାର ନାୟକଙ୍କ ସମେତ ସମାଜବାଦୀ ପାର୍ଟିର ପ୍ରଶାନ୍ତ କୁମାର ପାତ୍ର ରିଟର୍ଣ୍ଣିଂ ଅଫିସର ନିଲୁ ମହାପାତ୍ରଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ୧୦୦-ମହାକାଳପଡ଼ା ବିଧାନସଭା କ୍ଷେତ୍ର ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଲୋକନାଥ ମହାରଥୀଙ୍କ ସମେତ ସ୍ୱାଧିନ ପ୍ରାର୍ଥୀ ଭାବେ ଚିତ୍ତରଞ୍ଜନ ନାୟକ ଓ ରାଜକିଶୋର ପ୍ରଧାନଙ୍କ ସମେତ ସମାଜବାଦୀ ପାର୍ଟିର ଧିରେନ୍ ଦାସ ପ୍ରମୁଖ ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାସଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ୧୫-କେନ୍ଦ୍ରାପଡ଼ା ଲୋକସଭା ଆସନ ପାଇଁ ସ୍ୱାଧିନ ପ୍ରାର୍ଥୀ ଭାବେ ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି, ସନ୍ତୋଷ ପାତ୍ର, ଈଶ୍ୱର ନାୟକ ଓ ଶ୍ରୀରାମ ପାଣ୍ଡେଙ୍କ ସମେତ ବିଏସ୍‌ପିରୁ ରବୀନ୍ଦ୍ରନାଥ ବେହେରା ରିଟର୍ଣ୍ଣିଂ ଅଫିସର ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ୯୯-ରାଜନଗର ବିଧାନସଭା କ୍ଷେତ୍ରରୁ ସ୍ୱାଧିନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ସ୍ନେହଲତା ରାୟ କଂଗ୍ରେସ ଦଳରୁ ଟିକେଟ୍ ଆଶାୟୀ ଥିଲେ। ଦଳ ପକ୍ଷରୁ ଟିକେଟ୍ ନମିଳିବାରୁ ସେ ସ୍ୱାଧିନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ଆଜି ସୁଦ୍ଧା ୯୬-ପାଟକୁରା ବିଧାନସଭା ଆସନ ପାଇଁ ମୋଟ୍ ୯ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ୯୭-କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ୧୧ଜଣ, ୯୮-ଆଳି ବିଧାନସଭା କ୍ଷେତ୍ର ପାଇଁ ୮ଜଣ, ୯୯-ରାଜନଗର ବିଧାନସଭା କ୍ଷେତ୍ର ପାଇଁ ୧୦ଜଣ, ୧୦୦-ମହାକାଳପଡ଼ା ବିଧାନସଭା କ୍ଷେତ୍ର ପାଇଁ ୧୦ଜଣ ନାମାଙ୍କନ ଦାଖଲ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାରେ ୫ଟି ବିଧାନସଭା ଆସନ ନିମନ୍ତେ ସର୍ବମୋଟ୍ ୪୮ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ୧୫-କେନ୍ଦ୍ରାପଡ଼ା ଲୋକସଭା ଆସନ ପାଇଁ ମୋଟ୍ ୧୩ଜଣ ନାମାଙ୍କନ ଦାଖଲ କରିଛନ୍ତି। ୯୬-ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ୧୦ଜଣ ମନୋନୟନ ପତ୍ର କିଣିଥିବା ବେଳେ ୯୭-କେନ୍ଦ୍ରାପଡ଼ା ପାଇଁ ୧୧ଜଣ, ୯୮ ଆଳି ପାଇଁ ୧୦ଜଣ, ୯୯-ରାଜନଗର ପାଇଁ ୧୦ଜଣ, ୧୦୦-ମହାକାଳପଡ଼ା ବିଧାନସଭା କ୍ଷେତ୍ର ପାଇଁ ୧୧ଜଣ ମନୋନୟନ ପତ୍ର କିଣିଥିବା ଜଣାପଡ଼ିଛି। ୧୫-କେନ୍ଦ୍ରାପଡ଼ା ଲୋକସଭା ଆସନ ପାଇଁ ମୋଟ୍ ୧୩ଜଣ ମନୋନୟନପତ୍ର କିଣିଛନ୍ତି।

**ଜିଲ୍ଲାରେ ସମୁଦାୟ ୬୧ ପ୍ରାର୍ଥୀ; ୪୮ ବିଧାୟକ ପ୍ରାର୍ଥୀ ଥିବାବେଳେ ୧୩ ସାଂସଦ ପ୍ରାର୍ଥୀ**










## ଶିକ୍ଷକ ସନାତନ ବେହୁରାଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ, ୧୪।୫(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବହେୁରାଙ୍କ ୯୬ତମ ଜନ୍ମ ଉତ୍ସବ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସୌଜନ୍ୟରେ ବରିଷ୍ଠ ନାଗରିକ ମଞ୍ଚ ଆମୋଦ ପ୍ରମୋଦ ଗୃହର ମଞ୍ଚର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ସନାତନ ବେହୁରା ଉପସ୍ଥିତ ଥିଲେ। ଗାଳ୍ପିକ ପ୍ରଦୀପ ନାୟକ, କସ୍ତୁରୀ ଚରଣ ସ୍ୱାଇଁ ମାନପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ଡ. କେଳୁ ଚରଣ ସ୍ୱାଇଁ, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପରିକ୍ଷିତ ପାତ୍ର, ବିଜୟ କୁମାର ସାହୁ, ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପିନାଥ ତ୍ରିପାଠୀ, ପ୍ରଧାନଶିକ୍ଷକ ସଚିନନ୍ଦନ ଦାସ, ଇଂ. ତପନ କୁମାର ପାତ୍ର, ବ୍ରଜବନ୍ଧୁ ଦାଶ, ଇଂ. ଗୁଣଧର ସାମଲ, ଗନ୍ଧର୍ବ ଲେଙ୍କା, ବିଜୟ ନାୟକ, ତ୍ରିଲୋଚନ ଜେନା, ପ୍ରମୋଦ ନାୟକ, ଦୟାନିଧି ସ୍ୱାଇଁ ପ୍ରମୁଖ ବରିଷ୍ଠ ନାଗରିକମାନେ ଶିକ୍ଷକ ସନାତନ ବେହୁରାଙ୍କ ଶିକ୍ଷକତା ଜୀବନର କର୍ମନିପୁଣତା, ପଟ୍ଟାମୁଣ୍ଡାଇ, ଅଞ୍ଚଳ ପ୍ରତି ତାଙ୍କର ଅବଦାନ ଏବଂ ଏ ଅଞ୍ଚଳରେ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆଣିବାରେ ସକ୍ରୀୟଭୂମିକା ବିଷୟରେ ଆଲୋକପାତ କରିବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଶେଷରେ ତାଙ୍କର ଜ୍ୟେଷ୍ଠ ପୁତ୍ର ପ୍ରଭାତ ରଞ୍ଜନ ବେହୁରା ଧନ୍ୟବାଦ ଦେଇଥିଲେ।



## ପଟ୍ଟାମୁଣ୍ଡାଇରେ ବୈଜୟନ୍ତ ଓ ଲଳିତଙ୍କ ରୋଡ୍ ଶୋ'

**ପଟ୍ଟାମୁଣ୍ଡାଇ, ୧୪।୫(ସମିସ):** ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳର ପ୍ରଚାର ଅଭିଯାନ ସେତେ ଜୋରଦାର ହେବାରେ ଲାଗିଛି।ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ପରେ ବିଭିନ୍ନ ଦଳର ତାଙ୍କର ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି।ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିଜେପି ପ୍ରତି ଜନସମର୍ଥନ ଜୁଟାଇବା ପାଇଁ ଆଜି ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ଲୋକସଭା ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏକ ରୋଡ଼ସୋ ଆୟୋଜନ କରିଥିଲେ ଓ ଏଥିରେ ରାଜନଗର ବିଧାନସଭା ବିଜେପି ପ୍ରାର୍ଥୀ ଲଳିତ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ପ୍ରଦୀପ୍ତ କିଶୋର ବିଶ୍ୱାଳ, ନଗର ପ୍ରଭାରୀ ସୁଶୀଲ ପରିଡ଼ା, ନଗର ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ରଶ୍ମିତା ସାହୁ, ବିଜେପି ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁନାକାର ପ୍ରଧାନ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରଧାନ, ଯୁବନେତା ଭାରତ ଭୂଷଣ ଦାସ, ବରିଷ୍ଠ ନେତା ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ବହୁ ବିଜେପି ନେତା ଓ କର୍ମକର୍ତ୍ତା ବାଇକ ଶୋଭାଯାତ୍ରାରେ ଚାହାପଡ଼ା ଛକରୁ ବାହାରି ମାଟିଆ, ବଲ୍ଲାରପୁର, ପୋଖରୀଆପଡ଼ା, ପଟ୍ଟାମୁଣ୍ଡାଇ ବଜାର, ବାଲିପଡ଼ା, ତଳବାଲିପଡ଼ା କଷଣଅଣ୍ଟା, ତନୁପୁର, ଷଣ୍ଢପଲ୍ଲୀ, ନୂଆଗାଁ, ଅଳଭା, ବେଲତଳ, ଦକ୍ଷିଣଦିଆ ଆଦି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ।

■ କାଳବୈଶାଖୀ ପ୍ରଭାବ

## ପ୍ରବଳ ବର୍ଷା ପବନରେ କେନ୍ଦ୍ରାପଡ଼ା ସହର ବେହାଲ

**କେନ୍ଦ୍ରାପଡ଼ା, ୧୪।୫(ସମିସ):** କାଳ ବୈଶାଖୀ ପବନ ବର୍ଷାରେ କେନ୍ଦ୍ରାପଡ଼ା ସହର ସମେତ ସହରତଳି ଅଞ୍ଚଳ ବେହାଲ ହୋଇପଡ଼ିଥିବା ଦେଖାଯାଇଛି। ସହରର ମଡିଆଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ବିରାଟ କୃଷ୍ଣଚୂଡ଼ା ଗଛଟି ପ୍ରବଳ ପବନରେ ତିନିମୁହାଣି- ନୂଆ ବସଷ୍ଟାଣ୍ଡ ରାସ୍ତା ଉପରେ ଭାଙ୍ଗି ପଡ଼ିବା ଯୋଗୁଁ ସେହି ରାସ୍ତାରେ କିଛି ଘଣ୍ଟାଧରି ଚଳପ୍ରଚଳରେ ଗୁରୁତର ବାଧା ସୃଷ୍ଟି ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଘଣ୍ଟା ଘଣ୍ଟା ଧରି ଛିଡା ହୋଇରହିଥିଲା। କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ରାସ୍ତା ଉପରେ ପଡ଼ିଥିବା ଗଛକୁ କାଟି ରାସ୍ତା ସଫା କରିଥିଲେ। ଫଳରେ ସେହି ରାସ୍ତା ଦେଇ ଲୋକମାନେ ସୁବିଧାରେ ଚଳପ୍ରଚଳ କରିପାରିଥିଲେ।

ସେହିପରି ଜଳସେଚନ ବିଭାଜନ କାର୍ଯ୍ୟାଳୟ ସମ୍ମୁଖ ପୌରସଂସ୍ଥା ଯାତ୍ରୀ ନିବାସରେ ଚାଲିଥିବା କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ତଥା ପାଟକୁରା ଓ କେନ୍ଦ୍ରାପଡ଼ା(ସଂରକ୍ଷିତ) ବିଧାନସଭା ଆସନର ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ବାଚନ ପାଇଁ ହୋଇଥିବା ଟେଣ୍ଟ ମଧ୍ୟ ପବନରେ ଭୁଶୁଡି ପଡ଼ିଥିଲା। ସେହି ଟେଣ୍ଟ ତଳେ ବସିଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସାମ୍ବାଦିକ ଅଳ୍ପକେ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲେ। ସେହି ଟେଣ୍ଟଟି ପବନରେ ହଠାତ୍ ଭୁଶୁଡି ପଡ଼ିଥିଲା। ସେହି ଟେଣ୍ଟଟି ସଠିକ ଭାବେ ବନ୍ଧାଯାଇ ନ ଥିବାରୁ ଟେଣ୍ଟରେ ବ୍ୟବହୃତ ଲୁହା ପାଇପ୍ ରାସ୍ତା ପଟକୁ ପଡ଼ି ଭିତର ଆଡକୁ ଭୁଷି ହୋଇଯାଇଥିଲା। ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସାମ୍ବାଦିକ ସେ ସ୍ଥାନ ଛାଡି ନିରାପଦ ସ୍ଥାନକୁ ପଳାଇଯାଇଥିଲେ। ଫଳରେ ସେମାନଙ୍କ ଜୀବନ ରକ୍ଷା ପାଇଯାଇଥିଲା।



## ମା' ବୁଢ଼ୀଜାଗୁଳାଇ କ୍ଲବ୍‌ର ନାଟକ ମହୋତ୍ସବ

**ଡେରାବିଶ, ୧୪।୫ (ସମିସ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଅନୁଆପଡ଼ା ସ୍ଥିତ ମା' ବୁଢ଼ୀଜାଗୁଳାଇ ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ'ଅକୁହା କାହାଣୀ ଶୁଣିବ କିଏ ?' ଓ 'ଆଖିର ଜନମ କାନ୍ଦିବା ପାଇଁ' ମଞ୍ଚସ୍ଥ ହୋଇଯାଇଛି। ତିନିପିଢ଼ୀ ଧରି ଗ୍ରାମର ଯୁବକମାନଙ୍କୁ ନେଇ ନାଟକ ମଞ୍ଚସ୍ଥ ହୋଇଆସୁଥିବା ବେଳେ ଚଳିତ ବର୍ଷରୁ ଏହି ନାଟକ ଉତ୍ସବକୁ ପ୍ରଥମ ରାତିରେ ପାଟକୁରା ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦୁର୍ଗା ଚରଣ ଭଦ୍ର ଏବଂ ଅଞ୍ଚଳର ବୟୋଜ୍ୟେଷ୍ଠ ନାଟ୍ୟପ୍ରେମୀ ହରେକୃଷ୍ଣ ବିଶ୍ୱାଳ ଯୋଗଦେଇ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବାବନ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଉଦ୍‌ଘାଟକ ଶ୍ରୀ ପରିଡ଼ାଙ୍କୁ ଗ୍ରାମବାସୀଙ୍କ ତରଫରୁ ଦାବି କରାଯାଇଥିଲା। ଦ୍ୱିତୀୟ ରାତିରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଦନ ମୋହନ ସାହୁ ଓ ପୂର୍ବତନ ସମିତିସଭ୍ୟ ଲଲାଟେନ୍ଦୁ ଖୁଣ୍ଟିଆ ଅତିଥିଭାବେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ଦୁଇ ବରିଷ୍ଠ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଭୟ ରାତିରେ ଏହି ସମ୍ବର୍ଦ୍ଧନା ସଭାକୁ ଇଂ ସାଗର ଭଦ୍ର ସଂଯୋଜନା କରିଥିବା ବେଳେ ସୁବର୍ଣ୍ଣ ସାହୁ ଓ ଜଗମୋହନ ତ୍ରିପାଠୀ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ରତିପ କୁମାର ଭଦ୍ରଙ୍କୁ ଅନୁଷ୍ଠାନ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ହଜାର ହଜାର ଦର୍ଶକ ଉଭୟ ରାତିର ନାଟକକୁ ଉପଭୋଗ କରିଥିବା ବେଳେ ଅନୁଆପଡ଼ାର ପ୍ରମୋଦ କୁମାର ଭଦ୍ର, ବିମଳ ପ୍ରସାଦ ତ୍ରିପାଠୀ, ଜ୍ଞାନରଞ୍ଜନ ଦାସ, ମଳୟ ଲେଙ୍କା, ମନୋଜ ତ୍ରିପାଠୀ, ବିକାଶ ଭଦ୍ର, ଜ୍ଞାନ ରଞ୍ଜନ ଦାସ, ମଳୟ ଲେଙ୍କା, ମନୋଜ ତ୍ରିପାଠୀ, ରତ୍ନାକର ଭଦ୍ର, ରଶ୍ମିକାନ୍ତ ଆଚାର୍ଯ୍ୟ, ନିତ୍ୟାନନ୍ଦ ଭଦ୍ର, ମନୋରଞ୍ଜନ ଭଦ୍ର, ଅମୀୟ କୁମାର ଦାସ, ପାର୍ଥସାରଥି ଭଦ୍ର, ରମେଶ ସାହୁ, ପ୍ରଦୀପ ସାହୁ, ବିବେକାନନ୍ଦ ସାହୁ, ଭକ୍ତିପ୍ରସାଦ ବଳ, ମଣ୍ଟୁ ଆଚାର୍ଯ୍ୟ, ଦିଲୁ ତ୍ରିପାଠୀଙ୍କ ଅଭିନୟ ବେଶ୍ ଚିତାକର୍ଷକ ହୋଇଥିଲା।

ଧ୍ରୁବଙ୍କ ସଂକଳ୍ପ ପତ୍ର

## ଆଗାମୀ ୫ ବର୍ଷରେ ୧୦ ପ୍ରତିଶ୍ରୁତି କରିବେ ପାଳନ

**ରାଜନଗର, ୧୪।୫(ସମିସ):** ନିର୍ବାଚନ ପୂର୍ବରୁ ରାଜନୈତିକ ଦଳ ପକ୍ଷରୁ ଇସ୍ତାହାର ପ୍ରକାଶ କରାଯାଇଥାଏ। ଆମେ କ୍ଷମତାକୁ ଆସିଲେ ଏହି ଏହି ପ୍ରତିଶ୍ରୁତି ପୂରଣ କରିବୁ ବୋଲି ଘୋଷଣା କରାଯାଇଥାଏ। ଯେଉଁ ପ୍ରତିଶ୍ରୁତି ବା ଗ୍ୟାରେଣ୍ଟିକୁ ନେଇ ବିଭିନ୍ନ ରାଜନୈତିକ ଦଳ ଲୋକଙ୍କୁ ପ୍ରଭାବିତ କରି ଭୋଟ ହାତେଇବାକୁ ପ୍ରୟାସ କରିଥା'ନ୍ତି। ବିଭିନ୍ନ ସମୟରେ ରାଜନୈତିକ ଦଳ ନୁହେଁ ବିଧାୟକ ଓ ସାଂସଦ ପ୍ରାର୍ଥୀ ସେମାନଙ୍କୁ ଆମେ ନିର୍ବାଚିତ କଲେ ସେମାନେ ଆମ ଅଞ୍ଚଳ ପାଇଁ କ'ଣ ବିକାଶ କରିବେ, ତା'ର ଇସ୍ତାହାର ରଖିବା ଦରକାର ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଥାଏ। ଚଳିତ ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମ ବିଧାୟକ ପ୍ରାର୍ଥୀ ଭାବେ ରାଜନଗର ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ପ୍ରାର୍ଥୀ ଧ୍ରୁବ ସାହୁ ସ୍ୱତନ୍ତ୍ର ଭାବେ ନିଜର ସଂକଳ୍ପ ପତ୍ର ଜାରି କରିଛନ୍ତି। ବିଭିନ୍ନ ସ୍ଥାନରେ ଏ ନେଇ ହୋର୍ଡିଂ ମାରିବା ସହ ପ୍ରାଚୀର ପତ୍ର ମଧ୍ୟ ମାରିଛନ୍ତି। ସେ ବିଧାୟକ ଭାବେ ନିର୍ବାଚିତ ହେଲେ ୫ ବର୍ଷରେ ୧୦ଟି ସଂକଳ୍ପ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରଥମଥର ପାଇଁ ରାଜନଗର ନିର୍ବାଚନରେ କୌଣସି ପ୍ରାର୍ଥୀ ନିର୍ବାଚନ ପୂର୍ବରୁ ସଂକଳ୍ପ ପତ୍ର ଜାରି କରି ଭୋଟରଙ୍କ ମଧ୍ୟରେ ଚର୍ଚ୍ଚାରେ ରହିଛନ୍ତି। ବର୍ତ୍ତମାନର ବିଧାୟକ ତଥା ବିଧାୟକ ପ୍ରାର୍ଥୀଙ୍କ ସଂକଳ୍ପ ପତ୍ର ବୁଦ୍ଧିଜୀବୀଙ୍କୁ ପ୍ରଭାବିତ କରିଛି। ତାଙ୍କ ସଂକଳ୍ପ ପତ୍ରରେ ଭିତରକନିକାକୁ ବିଶ୍ୱ ଐତିହ୍ୟ ସ୍ଥଳୀରେ ପରିଣତ କରିବା, ପେଣ୍ଠ ସମୁଦ୍ର ତଟରେ ଉଇଣ୍ଡ ସର୍ଫିଙ୍ଗ୍ ଗେମର ଏକ ଏକାଡେମୀ ପ୍ରତିଷ୍ଠା କରିବା ସହ ବେଳାଭୂମିର ପରିବେଶ ପର୍ଯ୍ୟଟନକୁ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇ ସ୍ଥାନୀୟ ଲୋକଙ୍କୁ କର୍ମନିଯୁକ୍ତି ସହ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ପଟ୍ଟାମୁଣ୍ଡାଇଠାରେ ଥିବା ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲମ୍ବିଙ୍ଗ୍ ଟେକ୍ନୋଲୋଜିର ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ କରି ଏହାକୁ ଏକ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ରୂପାନ୍ତରିତ କରି ଜାଗୁଆର ଭଳି ଆନ୍ତର୍ଜାତିକ କମ୍ପାନୀ ଦ୍ୱାରା ଟ୍ରେନିଂ ଓ ପ୍ଲେସମେଣ୍ଟ ସେଣ୍ଟର ପ୍ରତିଷ୍ଠା କରି ରାଜନଗର-ପଟ୍ଟାମୁଣ୍ଡାଇ ଯୁବକଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତି ଯୋଗାଇ ଦେବା, ବଗପାଟିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଗାର୍ମେଣ୍ଟ ମ୍ୟାନୁ ଫ୍ୟାକ୍ଚରିଂ ୟୁନିଟ ପ୍ରତିଷ୍ଠା କରି ମହିଳାଙ୍କୁ ରୋଜଗାର ଯୋଗାଇ ଦେବା, ଅଳଭାଠାରେ ମେଗା ଉଠାଜଳସେଚନ ପ୍ରୋଜେକ୍ଟ ନିର୍ମାଣ କରି ପଟ୍ଟାମୁଣ୍ଡାଇ ବ୍ଲକର ୧୫ଟି ପଞ୍ଚାୟତର କୃଷକଙ୍କୁ ୩୬୫ ଦିନ ଜଳସେଚନ ସୁବିଧା ଯୋଗାଇ ଦେବା, ପଟ୍ଟାମୁଣ୍ଡାଇର ବଡପଡ଼ା ଓ ଡାଙ୍ଗମାଳରେ ଦୁଇଟି ଦମକଳ କେନ୍ଦ୍ର ପ୍ରତିଷ୍ଠା କରିବା, ଗୁପ୍ତି-ଜୁନୁସନଗର, ନଗଡ଼-ନଳଦିଆ, ଚନ୍ଦନପୁର-ମହୁ ଓ ଶ୍ରୀରାମପୁର-ମାଣିକପାଟଣା ସେତୁ ନିର୍ମାଣ କରିବା, ପଟ୍ଟାମୁଣ୍ଡାଇ ସହର ଚତୁଃପାର୍ଶ୍ୱରେ ଏକ ରିଂ-ରୋଡ ନିର୍ମାଣ, ପଟ୍ଟାମୁଣ୍ଡାଇ ଇଣ୍ଡୋର ଷ୍ଟାଡ଼ିୟମରେ ସୁଇମିଂପୁଲ ନିର୍ମାଣ ସହ ସମସ୍ତ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମିର ବିକାଶ, ବନ୍ତଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିକଟରେ ଏକ ପ୍ଲାନେଟୋରିୟମ ନିର୍ମାଣ, ପଟ୍ଟାମୁଣ୍ଡାଇ ସବ୍‌ଡିଭିଜିନାଲ ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ସମସ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ସମସ୍ତ ଅତ୍ୟାଧୁନିକ ଡାକ୍ତରୀ ପରୀକ୍ଷାର ସୁବିଧା ସହିତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ଡାକ୍ତର ପଦବୀ ପୂରଣ ସହ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବଡିଭିଜନ ରୂପେ ଘୋଷଣା କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ଧ୍ରୁବ ତାଙ୍କ ସଂକଳ୍ପ ପତ୍ରରେ ପ୍ରକାଶ କରିଛନ୍ତି। ରାଜନଗର ରାଜନୀତି ଇତିହାସରେ ଧ୍ରୁବ ପ୍ରଥମ ପ୍ରାର୍ଥୀ ଭାବେ ନିର୍ବାଚନ ପୂର୍ବରୁ ଆଗାମୀ ୫ ବର୍ଷରେ କି କି କାର୍ଯ୍ୟ କରିବେ, ତା'ର ସଂକଳ୍ପ ପତ୍ର ପ୍ରକାଶ କରି ଅନ୍ୟମାନଙ୍କ ପୋଷ୍ଟର, ବ୍ୟାନର ଓ ସୋସିଆଲ ମିଡିଆ ପ୍ରଚାରରେ ଆଗରେ ରହିଛନ୍ତି।

## କେନ୍ଦ୍ରାପଡ଼ା ଜିଲ୍ଲାକୁ ବେଷ୍ଟ କ୍ୟାମ୍ପୋରୀ ଘୋଷିତ



**ରାଜନଗର, ୧୪।୫ (ସମିସ):** ଗତବର୍ଷ ଡିସେମ୍ବର ମାସରେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ରାଜନଗର ବ୍ଲକସ୍ଥିତ ନାଗାନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହୋଇଥିବା ଜିଲ୍ଲା ସ୍କାଉଟ କ୍ୟାମ୍ପୋରୀକୁ ଓଡ଼ିଶା ଭାରତ ସ୍କାଉଟ ଓ ଗାଇଡ ତରଫରୁ ରାଜ୍ୟସ୍ତରୀୟ ବେଷ୍ଟ କ୍ୟାମ୍ପୋରୀ ପୁରସ୍କାର ଓଡ଼ିଶା ରାଜଭବନର ଅଭିଷେକ ହଲରେ ରାଜ୍ୟପାଳ ରଘୁବର ଦାସଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଆୟୋଜିତ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ସ୍କାଉଟ ଓ ଗାଇଡର ସମ୍ପାଦିକା ସ୍ମିତା ପ୍ରତିଭା ସାହୁ, ନାଗାନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନସ କୁମାର ମିଶ୍ର ମିଳିତ ଭାବେ ଏହି ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟ ମୁଖ୍ୟ ସ୍କାଉଟ କମିସନର କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଂଗଠନର ମୁଖ୍ୟଆୟୁକ୍ତ ଅନାମିକା ଦାସ ପରିଚାଳନା କରିଥିବା ବେଳେ ଜିଲ୍ଲା କମିସନର ପୀତବାସ ପଣ୍ଡା, ଜିଲ୍ଲା ସଂଗଠନ ଆୟୁକ୍ତ ଦେବରାଜ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱନକ୍ଷତ୍ର ସ୍ମରଣ ଉତ୍ସବ

**ଡେରାବିଶ, ୧୪।୫(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠସ୍ଥ ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବର ୧୮ ତମ ସ୍ମରଣ ଦିବସ ତଥା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପ୍ରତିବର୍ଷ ପରି ଅକ୍ଷୟ ତୃତୀୟା ତିଥିରେ ଯଜ୍ଞର ଅଙ୍କୁରାରୋପଣ, ପରଦିନ ଶୁଭକଳସ ଯାତ୍ରା, ଏବଂ ଦୁଇଦିନ ଧରି ସୂର୍ଯ୍ୟପୂଜା ଗୋପୂଜା, ଚଣ୍ଡୀପାଠ, ଚଣ୍ଡୀହବନ କରାଯାଇ ଗତକାଲି ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସମାରୋହ କରାଯାଇଥିବା ବେଳେ ପୂର୍ଣ୍ଣାହୁତି ପରେ ଚରୁଅନ୍ନ ବଣ୍ଟନ ଓ ସମୁହ ପ୍ରସାଦ ସେବନ କରାଯାଇଥିଲା। ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏହି ଯଜ୍ଞରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ଚନ୍ଦ୍ରଶେଖର ମିଶ୍ର, ବେଣୁଧର ପ୍ରଧାନ, ଦିପ୍ତିକାନ୍ତ ସାହୁ, ସୀତାକାନ୍ତ ମହାନ୍ତି, ଭଞ୍ଜନ କୁମାର ମହାନ୍ତି, ପ୍ରଭାକର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କ ରାଲିରେ ଟଙ୍କା ବାଣ୍ଟିଲେ ବିଜେପି କର୍ମୀ; ଭିଡିଓ ଭାଇରାଲ



**ଛେଣ୍ଡିପଦା, ୧୪।୫ (ସମିସ):** କେନ୍ଦ୍ରମନ୍ତ୍ରୀଙ୍କ ରାଲିରେ ଟଙ୍କା ବାଣ୍ଟିଲେ ବିଜେପି କର୍ମୀ। ଏହି ଟଙ୍କା ଦେଇ ଲୋକଙ୍କ ସଂଖ୍ୟା ବଢ଼ାଇଲେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଛେଣ୍ଡିପଦା ଅଞ୍ଚଳରେ। ସୂଚନା ଅନୁସାରେ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଛେଣ୍ଡିପଦା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏକ ରୋଡ୍ ଶୋ' ଥିଲା। ତେବେ ଏହି ରୋଡ୍ ଶୋ ବେଳେ ଲୋକଙ୍କୁ ଟଙ୍କା ବଣ୍ଟା ଯାଉଥିବା ଦେଖିବାକୁ ମିଳିଥିଲା। ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭୋଟର ଧର୍ମେନ୍ଦ୍ରଙ୍କୁ ସହଜରେ ଗ୍ରହଣ କରୁନାହାନ୍ତି। ଏଣୁ ତାଙ୍କ ରୋଡ୍ ଶୋ ହେଉ କିମ୍ବା ସାଧାରଣ ସଭାକୁ ଭୋଟର ଯାଉ ନଥିବାରୁ ଆଜି ଟଙ୍କା ଦେଇ ଲୋକଙ୍କୁ ଜମା କରାଯାଇଛି। ରୋଡ୍ ଶୋ'ରେ ଲୋକଙ୍କୁ ଟଙ୍କା ବଣ୍ଟାଯାଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯଦି କ୍ଷେତ୍ର ପାଇଁ କାମ କରିଛ, ତେବେ ଟଙ୍କା ଦେଇ ଲୋକଙ୍କୁ ଡାକିବା କ'ଣ ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ବିଜେଡି ପ୍ରାର୍ଥୀ ସୁଧୀର ସାମଲଙ୍କ ମାରାଥନ ପ୍ରଚାର

**ଢେଙ୍କାନାଳ, ୧୪।୫ (ସମିସ)**

ସଦର ବ୍ଲକର ଛଦେଶ ଅଞ୍ଚଳରେ ବିଜେଡି ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଗାଁକୁ ଗାଁ ଯାଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଭୋଟରମାନଙ୍କୁ ଅବଗତ କରାଇବା ସହିତ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ମଙ୍ଗଳବାର ଦିନ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ଷଷ୍ଠଥର ଶାସନକୁ ଆସିବା ମାତ୍ରେ ଗରୀବ ଲୋକଙ୍କୁ ମାଗଣାରେ ୧୦୦ ୟୁନିଟ ବିଜୁଳି ସହିତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରି ମିଶନ ଶକ୍ତି ଯୋଜନାରେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମହିଳାମାନଙ୍କୁ ଋଣ, ୫ବର୍ଷରେ ୨ଲକ୍ଷ ସରକାରୀ ନିଯୁକ୍ତି ପ୍ରଦାନ, ଯୁବକମାନଙ୍କ ପାଇଁ ଏକ ଶହ କୋଟିର ବ୍ୟୟବରାଦ

### ଗାଁ ଗାଁରେ ପହଞ୍ଚୁଛି ବିଜେଡି ଯୋଜନା



କରିବ ବୋଲି କହିଛନ୍ତି। ଭୋଟରମାନେ ନବୀନ ସରକାରଙ୍କ ମାଗଣା ବିଜୁଳି ଏବଂ ବିଏସକେୱାଇ କାର୍ଡକୁ ବେଶ ପସନ୍ଦ କରୁଥିବା ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସରକାର କ୍ଷମତାକୁ ଆସିଲେ ଯୁବ ପିଢି, ବୟୋଜ୍ୟେଷ୍ଠଙ୍କ ପାଇଁ ବିଭିନ୍ନ ଯୋଜନା କରାଯିବ। ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ସହିତ ସାଂସଦ ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କୁ ଗୋଟିଏ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଗୋଟିଏ ଭୋଟ ଦେବାକୁ ନିବେଦନ କରିଥିଲେ। ରାଜ୍ୟର ବିକାଶ ପାଇଁ ବିଜେଡି ଏକମାତ୍ର ଦଳ ବୋଲି ସେ ପ୍ରକାଶ କରିଥିଲେ। ଏହି ନିର୍ବାଚନ ପ୍ରଚାରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣଙ୍କ ସହିତ ନରୋତ୍ତମ ସାହୁ, ପର୍ଯ୍ୟବେକ୍ଷକ ଅମରଜିତ୍ ସେନାପତି, ସଦର ବ୍ଲକ ଚେୟାରମ୍ୟାନ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକଙ୍କ ସହିତ ଶହ ଶହ ସମର୍ଥକ ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାରରେ ସାମିଲ ହୋଇଥିଲେ। ଚଳିତ ନିର୍ବାଚନରେ ପୁଣି ଥରେ ବିଜେଡିକୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ଓ ଡିଏଭି ସ୍କୁଲର ଶତପ୍ରତିଶତ ସଫଳତା







**କଣିହାଁ, ୧୪।୫(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସି ପ୍ରକଳ୍ପର ଟାଉନସିପ୍ ପରିସରରେ ଥିବା ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଏନଟିପିସି କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ବିଶ୍ୱରୂପ କର୍ମକାର ୯୩ ପ୍ରତିଶତ ମାର୍କ ରଖିଥିବା ବେଳେ ପ୍ରୀତିପର୍ଣ୍ଣା ପତି ୯୨.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ର ଛାତ୍ରୀ ପାସ କରିଥିବା ବେଳେ ଦ୍ୱାଦଶ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ କୈଣସି ଛାତ୍ରଛାତ୍ରୀ ରଖି ନଥିବା ସୂଚନାରୁ ଜଣାଯାଏ । ସେହିପରି ଡିଏଭି ସ୍କୁଲ ଛାତ୍ରୀ ସଗୁନ ଶ୍ରୀବାସ୍ତବ ଓ ପ୍ରଦ୍ୱତ ସେନାପତି ଦ୍ୱୟ ୯୭.୨୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟରେ ଆଶୋତୋଶ ସାହୁ ଓ ଦୀପଦର୍ଶନୀ ଶତପଥି ଦ୍ୱୟ ୯୫.୮୦ ପ୍ରତିଶତ ମାର୍କ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଅତିକ୍ଷ ଦେବ ସିଂ ୯୪.୨୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ସେହିପରି ଦ୍ୱାଦଶ ଶ୍ରେଣୀର ସତ୍ୟପ୍ରଜ୍ଞା ସାହୁ ୯୪.୨୦ ପ୍ରତିଶତ ମାର୍କ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ହାସିନୀ ସିଂ ୯୩.୨୦ ପ୍ରତିଶତ ୨ ୟ ସ୍ଥାନ ହାସଲ କରିଛନ୍ତି । ତୃତୀୟ ସ୍ଥାନରେ ପ୍ରତ୍ୟକ୍ଷା ୯୨ ପ୍ରତିଶତ ମାର୍କ ରହିଛନ୍ତି।

# ଜିଏମ୍ଆର୍ ଡିଏଭି ସ୍କୁଲର ସଫଳତା





**ଢେଙ୍କାନାଳ, ୧୪।୫ (ସମିସ) :** ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ କମଲାଙ୍ଗ ଗ୍ରାମ ନିକଟସ୍ଥ ଜିଏମ୍ଆର ଭରଲକ୍ଷ୍ମୀ ଡିଏଭି ପବ୍ଲିକ ସ୍କୁଲର ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ଶତପ୍ରତିଶତ ହୋଇଥିବା ବେଳେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍କୋଇ ରେକର୍ଡ ସୃଷ୍ଟି କରିଛି। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟର ସନ୍ଦୀପ କୁମାର ସାହୁ ସର୍ବାଧିକ ୯୯.୦ ପ୍ରତିଶତ ମାର୍କ ରଖି ନୂଆ ରେକର୍ଡ ସୃଷ୍ଟିକରିଛନ୍ତି। ଚଳିତ ବର୍ଷ ଦଶମ ଶ୍ରେଣୀରେ ମୋଟ୍ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶତକଡ଼ା ୪୦ ଭାଗ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ସୁଶ୍ରୀ ଅର୍ପିତା ରାଉଳ ସର୍ବାଧିକ ୯୦.୮ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରକାଶଥାଉ କି, ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଶିକ୍ଷାବର୍ଷ ୨୦୨୩-୨୪ପ୍ରଥମଥର ପାଇ ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେଇଥିଲେ ଓ ଏହିଶ୍ରେୟ ପାଇଁ ସେମାନେ ବିଦ୍ୟାଳୟ ଅଧକ୍ଷା, ଶିକ୍ଷକ ଶିକ୍ଷିକା, ଅଭିଭାବକ ଓ ଭଗବାନଙ୍କ ଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି ଓ ଏହି ଫଳାଫଳ ପ୍ରକାଶ ପାଇବାପରେ ବିଦ୍ୟାଳୟର ଅଧକ୍ଷା, ଶିକ୍ଷକଶିକ୍ଷିକା, କର୍ମକର୍ତ୍ତାଓ ବିଦ୍ୟାର୍ଥୀଙ୍କୁ ପ୍ରଶଂସାର ଶୁଭେଚ୍ଛାର ସୁଅଛୁଟିଛି। ଏହି ଅବସରରେ ଜିଏମଆର କମଳାଙ୍ଗର ଚିଫ ଅପରେଟିଂ ଅଫିସର ଧନଞ୍ଜୟ ଦେଶପାଣ୍ଡେ ଓ ପ୍ଲାଣ୍ଟହେଡ ମନୋଜ ମିଶ୍ର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇଛନ୍ତି।

# ଡେରଙ୍ଗରେ ରାଧାକୃଷ୍ଣଙ୍କ ଚନ୍ଦନଯାତ୍ରା ଓ ଧଣ୍ଡାପୂଜା



**କଣିହାଁ/ଡେରଙ୍ଗ, ୧୪।୫ (ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗ ଗ୍ରାମର ଚନ୍ଦନ ଯାତ୍ରା ମହୋତ୍ସବ ଧଣ୍ଡାପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଚନ୍ଦନ ଯାତ୍ରାରେ ରାଧାକୃଷ୍ଣଙ୍କ ପ୍ରତିମା ଗ୍ରାମ ପୁଷ୍କରଣୀରେ ଚାପଖେଳିଥିଲେ। ଗତ ୯ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ଏହା ଚାଲିଥିଲା। ଗ୍ରାମର ପରମ୍ପରା ଅନୁସାରେ ପୂର୍ବ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟରେ ଶୈବପୀଠରେ ପୂଜକ ବିଧିମତେ ପୂଜାକାର୍ଯ୍ୟ ସମ୍ପନ୍ନ ପରେ ଧଣ୍ଡା ପୂଜନ କରାଯାଇଥିଲା। ସେହିଠାରୁ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ବିମାନ ଓ ଧଣ୍ଡା ଧରି ନାମ ସଙ୍କୀର୍ତ୍ତନ ଘଣ୍ଟ ବାଦ୍ୟ ଲଉଡ଼ି ଖେଳ ଛତି ତରକ୍ଷସ ସହିତ, ହରିବଲ ହୋଳହୁଳିରେ ପ୍ରକମ୍ପିତ ବିରାଟ ଶୋଭାଯାତ୍ରା ପଟୁଆରରେ ଗ୍ରାମ ପରିକ୍ରମା କରି ଯାତ୍ରା ପଡିଆ ରାଧାକୃଷ୍ଣ ମଣ୍ଡପଠାରେ ପହଞ୍ଚିଥିଲେ। ରାଧାକୃଷ୍ଣ ମଣ୍ଡପରେ ପୁରୋହିତ ଗୁଲେଖ ଦାସ, ବୁଦ୍ଧିଆ ଦାସଙ୍କ ହୋମଯଜ୍ଞ ବିଧିକର୍ମରେ କର୍ତ୍ତା ଭାବେ ପୂର୍ବତନ ଗ୍ରାମ ସଭାପତି ଶିବରାମ ଦାସ ଯୋଗ ଦେଇଥିଲେ। ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ଦେବା ପରେ ଦୋଳମଣ୍ଡପ ନିକଟରେ ଧଣ୍ଡା ପୋତା ଯାଇଥିଲା। ଗ୍ରାମ ସଭାପତି ଦିଲ୍ଲୀପ ବେହେରା, ସମ୍ପାଦକ ବିପିନି ସାହୁ, , ଇନ୍ଦ୍ରମଣି ସାହୁ, ବୁଧଦେବ ସାହୁ, ବିଦ୍ୟାଧର ସାହୁ, ଦିଲେଶ୍ୱର ସାହୁ, ପବିତ୍ର ସାହୁ, ଯୁଗେଶ୍ୱର ସାହୁ, ସାମ୍ବାଦିକ ଟୁନା ସାହୁ, ରଞ୍ଜନ ସାହୁ, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ୯୬ ଜଣ ସଦସ୍ୟ ଶାନ୍ତିଶୃଙ୍ଖଳା ରକ୍ଷାକରିବା ସହିତ ଯାତ୍ରା ପରିଚାଳନାରେ ପ୍ରମୁଖ ଭୂମିକା ଲିଭାଇଥିଲେ। ଗ୍ରାମ ତରଫରୁ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ଏକ ଅପେରା ପାର୍ଟିର ବ୍ୟବସ୍ଥା କରାଯାଇଛି।

# ଡିଏଭି ଜଗନ୍ନାଥର ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା

**ତାଳଚେର ସଦର, ୧୪।୫ (ସମିସ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷାରେ ଡିଏଭି ଜଗନ୍ନାଥ କ୍ଷେତ୍ରର ଛାତ୍ରଛାତ୍ରୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ବିଦ୍ୟାଳୟରୁ ବିଜ୍ଞାନରେ ୧୧୨ ଓ ବାଣିଜ୍ୟରେ ୨୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ବିଜ୍ଞାନ ଓ ବାଣିଜ୍ୟରୁ ମିଶି ୧୩ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପ୍ରଥମ ସ୍ଥାନ, ନରେଶ କୁମାର ବିହାନୀ ୯୨.୨୦% ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ଆତିଫା ମୂଷାରତ ୮୯.୨୦% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷାରେ ୨୧୮ ଛାତ୍ରଛାତ୍ରୀ ପରୀକ୍ଷା ଦେବା ସ୍ଥଳେ ଶତପ୍ରତିଶତ ଛାତ୍ରଛାତ୍ରୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୧ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟର ଗୌରବ ଆଣିଛନ୍ତି। ୯୭.୨୦ % ରଖି ବିଦ୍ୟାଳୟର ଗୌରବ ମଣ୍ଡନ କରିଛନ୍ତି। ବିଦ୍ୟାଳୟର ପ୍ରତୀକ





ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଲରେନ୍ ସାହୁ ୯୫.୬୦ % ନମ୍ବର ରଖି ପ୍ରଥମ ସ୍ଥାନ, ଆର୍ଯ୍ୟାନ୍ ସାହୁ ଓ ସବାଂଶ ମିଶ୍ର ୯୫.୨୦% ନମ୍ବର ରଖି ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଓ ଆୟୁଷ କୁମାର ରାଉତ ୯୪.୨୦% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଣିଜ୍ୟରେ ବିଜୟିନୀ ସାହୁ ୯୮.୨୦% ନମ୍ବର ରଖି ପ୍ରଥମ ସ୍ଥାନ, ନିଶିକାନ୍ତ ପୁଷ୍ଟି ୯୭.୮୦% ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ସ୍ମିତପ୍ରଜ୍ଞା ପରିଡ଼ା ୯୭.୬୦% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ଅଧକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ ସାଧୁବାଦ ଜଣାଇଛନ୍ତି।

### ତାଳଚେର ନିର୍ବାଚନ ମଣ୍ଡଳୀ

# ବିଜେଡି ଛଡ଼ା ଆଉ କାହାର ପୋଷ୍ଟର ବ୍ୟାନର ଦିଶୁନି

**ତାଳଚେର ସଦର, ୧୪।୫(ସମିସ)**

ସାଧାରଣ ନିର୍ବାଚନକୁ ଆଉ ମାତ୍ର ୧୨ ଦିନ ବାକି ରହିଛି। ବିଗତ ନିର୍ବାଚନଗୁଡିକରେ ନିର୍ବାଚନର ଯଥେଷ୍ଟ ପୂର୍ବରୁ ସହର ଓ ବିଭିନ୍ନ ଗ୍ରାମାଞ୍ଚଳର ଛକ, ଜନସମାଗ ସ୍ଥାନ ପୋଷ୍ଟର ଓ ବ୍ୟାନରରେ ଛାଇ ହୋଇଯାଉଥିଲା। ଏବେ କିନ୍ତୁ ବିଜେଡିର ପୋଷ୍ଟର ଓ ବ୍ୟାନର ସବୁଆଡେ ଛାଇ ହୋଇ ଲାଗିଥିବା ଦେଖିବାକୁ ମିଳିଛି। ଢେଙ୍କାନାଳ ଲୋକସଭା ଓ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମେ ୨୫ ତାରିଖରେ ଭୋଟ୍ ଗ୍ରହଣ ହେବାକୁ ଯାଉଛି। ଏଥିରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜେପି, ବିଜେଡି ଓ କଂଗ୍ରେସ ପ୍ରାର୍ଥୀମାନେ ରହିଛନ୍ତି। ବିଗତ ନିର୍ବାଚନଗୁଡିକରେ ଦଳୀୟ ନେତାଙ୍କ ଫଟୋ ଥାଇ ବଡ଼ ବଡ଼ ବ୍ୟାନର ଛାଇ ହୋଇ ଯାଉଥିଲା। ସେହିପରି କାନ୍ଥ ବାଡ଼ରେ ପୋଷ୍ଟର ମଧ୍ୟ ଲାଗୁଥିଲା। ଏହାଛଡ଼ା ଦଳୀୟ ଚିହ୍ନ ଥାଇ ପତାକା ମାଳମାଳ ରାସ୍ତାରେ ଏମୁଣ୍ଡରୁ ସେମୁଣ୍ଡକୁ ଛାଇ ହେଉଥିଲା। ପ୍ରତିଯୋଗିତା ମନୋଭାବ ରଖି ଗୋଟିଏ ଦଳର ପୋଷ୍ଟର ପାଖରେ ଆଉ ଏକ ଦଳର ପୋଷ୍ଟର, ବ୍ୟାନର ଓ ପତାକା ଲାଗୁଥିଲା। ଏଭଳି ଦୃଶ୍ୟ ତାଳଚେର ସହର ସମେତ ପଞ୍ଚାୟତ ରାସ୍ତାର ଉଭୟ ପାର୍ଶ୍ୱରେ ଦେଖିବାକୁ ମିଳୁନି। ବିଭିନ୍ନ ଛକରେ ବିଜେଡିର ପୋଷ୍ଟର ବ୍ୟାନର



ଟାଇହୋଇଥିବା ଦେଖିବାକୁ ମିଳିଥିବା ବେଳେ ଅନ୍ୟ କୌଣସି ଦଳର ପୋଷ୍ଟର ବ୍ୟାନର ଆଉ ଦେଖୁବାକୁ ମିଳୁନାହିଁ। ସେହିପରି ନୂଆବର୍ଷ ପାଳନ ଅବସରରେ ସହର ମଧ୍ୟରେ ଯେଭଳି ପୋଷ୍ଟର ଓ ବ୍ୟାନର ଲାଗିଥିଲା, ତାହା ଏହି ନିର୍ବାଚନ ସମୟରେ ମଧ୍ୟ ନାହିଁ କହିଲେ ଚଳେ। ନେତାମାନଙ୍କ ନିର୍ବାଚନ ପ୍ରଚାର ଶୈଳୀ କିଛି ଭିନ୍ନ ହେଉଥିବା ଲକ୍ଷ୍ୟ କରାଯାଉଛି। ସେମାନେ ବିଭିନ୍ନ ଅଞ୍ଚଳ ଗସ୍ତ କରି କେଉଁଠି ରୋଡ୍ ସୋ କରୁଛନ୍ତି ତ ଆଉଁ କେଉଁଠି ଘର ଘର ବୁଲି ଭୋଟରଙ୍କୁ ଭେଟୁଛନ୍ତି। ବିଭିନ୍ନ ଦଳୀୟ ନେତାଙ୍କ ସମର୍ଥକମାନେ ସାମାଜିକ ଗଣମାଧରେ ବିଭିନ୍ନ ପୋଷ୍ଟ କରି ନିଜର ମନ୍ତବ୍ୟ ଦେଉଛନ୍ତି। ପୂର୍ବେ ନିର୍ବାଚନ ସମୟରେ ଯେଭଳି ସାଧାରଣ ସଭା ଓ ସହରର ବିଭିନ୍ନ ରାସ୍ତା କଡ଼ରେ ସଭା ସମିତି କରାଯାଉଥିଲା, ତାହା ପ୍ରାୟତଃ ହେଉନାହିଁ। ତାଳଚେର ନିର୍ବାଚନ ମଣ୍ଡଳୀରେ ବିଜେଡି ଛଡ଼ା ସେଭଳି କୌଣସି ଦଳୀୟ ବଡ଼ ନେତାମାନେ ଆସି ସଭା ମଧ୍ୟ କରିନାହାନ୍ତି। କାଁ ଭାଁ କେତୋଟି ସ୍ଥାନରେ ପ୍ରଚାର ଗାଡ଼ି ବୁଲୁଥିବା ଦେଖିବାକୁ ମିଳୁଛି।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କବାଟବନ୍ଧ, ୧୪।୫ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପୁରୁଣା ବଉଳମାଳ ପଞ୍ଚାୟତ ଅଧୀନ ଧବଳାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ରଣାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ତଥା କୃଷ୍ଣଚନ୍ଦ୍ରପୁର ଆଞ୍ଚଳିକ ସାଧନ କେନ୍ଦ୍ର ସିଆରସିସି ବୃନ୍ଦାବନ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୁରୁଣା ବଉଳମାଳ ସରପଞ୍ଚ ଅଶୋକ ଚନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ଶିକ୍ଷକ ଅରୁଣ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିକ୍ରମ ଦାସ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ମମିତା ମହାନ୍ତି, ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ଶିବପ୍ରସାଦ ଜେନା, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସମ୍ପାଦକ ହୃଷିକେଶ ସାମଲ, ଗଗନ ବିହାରୀ ଜେନା, ଅରୁଣ ସ୍ୱାଇଁ, ଜିତେନ୍ଦ୍ର ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରେଖାଲତା ସାହୁ, ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁ, ଗରାଜ ସାହୁ, ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, ଦୁଃଶାସନ ସ୍ୱାଇଁ ଯୋଗଦାନ କରି ବିଦାୟୀ ଶିକ୍ଷକ ଶ୍ରୀ ରଣାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# ସ୍ୱାଧୀନ ପ୍ରାର୍ଥୀ ସଞ୍ଜୀବ ଏସ୍ ବିଶ୍ୱାଳଙ୍କ ଶୋଭାଯାତ୍ରା



ବାଲିକୁଦା, ୧୪।୫(ସମିସ): ବାଲିକୁଦା ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦୀର୍ଘ ବର୍ଷ ଧରି ସମାଜ ସେବା କରୁଥିବା ସଞ୍ଜୀବ ଏସ ବିଶ୍ୱାଳ ସ୍ୱାଧୀନ ପ୍ରାର୍ଥୀ ଭାବେ ନିଜର ପାର୍ଥିପତ୍ର ଦାଖଲ କରିଛନ୍ତି। ସେ ନିଜର ହଜାର ହଜାର ସମର୍ଥକଙ୍କ ସହ ବାଲିକୁଦା ବ୍ଲକ ଛକ ଠାରୁ ଏକ ବିରାଟ ବାଇକ ଶୋଭାଯାତ୍ରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ନିଜର ପାର୍ଥିପତ୍ର ଦାଖଲ କରିଥିଲେ।ତାଙ୍କ ସହିତ ଏରସମା ପୂର୍ବତନ ଉପାଧକ୍ଷା ରଶ୍ମିତା ସ୍ୱାଇଁ, ବଡଙ୍ଗା ପଞ୍ଚାୟତ ପୂର୍ବତନ ସରପଞ୍ଚ ହେମନ୍ତ କୁମାର ସେଠୀ, ନବକିଶୋର ଜେନା, ବାବୁଲି ଭୋଳ, ଦିଲୀପ ସ୍ୱାଇଁ, ଗୋପାଳ ଚନ୍ଦ୍ର ରାଉତ, ଲକି ବିଶ୍ୱାଳ, ପ୍ରଦୀପ୍ତ ବିଶ୍ୱାଳ, ଜଗନ୍ନାଥ ବିଶ୍ୱାଳ, ବିଶ୍ୱଜିତ ସାହୁ, ଲୋକନାଥ ଦାସ, ଅର୍ଜୁନ ଦାସ, କୁଶା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଲୋକସଭା ଓ ବିଧାନସଭା ପାଇଁ ଶେଷ ଦିନରେ ନାମାଙ୍କନପତ୍ର ଦାଖଲ କଲେ ୧୭ ପ୍ରାର୍ଥୀ

ଜଗତସିଂହପୁର, ୧୪।୫ (ସମିସ)





ପ୍ରାର୍ଥୀ ପତ୍ର ଦାଖଲର ଆଜି ଶେଷ ଦିନରେ ୧୭ ଜଣ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶେଷ ଦିନରେ ୧୬ ଜଗତସିଂହପୁର ଲୋକସଭା (ସଂ) ଆସନ ନିମନ୍ତେ ସମୃଦ୍ଧ ଓଡ଼ିଶାର ପ୍ରାର୍ଥୀ ସିଲି ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ଅର୍ଜୁନ ଚରଣ ବେହେରା, ଭାରତୀୟ ଜନତା ପାର୍ଟିର ବିଭୁ ପ୍ରସାଦ ତରାଇ ଓ ସ୍ୱାଧୀନ ପ୍ରାର୍ଥୀ ଶଙ୍କର ଦାସ, ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଅନୁପମ ସାହାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ୧୦୪ ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆଜି ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ନିକଟରେ ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିର ପ୍ରାର୍ଥୀ ପ୍ରଣବ କୁମାର ରାୟ, ନବ ଭାରତ ନିର୍ମାଣ ସେବା ପାର୍ଟି ର ପ୍ରାର୍ଥୀ ଗୀତାଞ୍ଜଳି ବାରିକ୍, ସ୍ୱାଧୀନ ପ୍ରାର୍ଥୀ ନାରାୟଣ ପ୍ରସାଦ ନନ୍ଦ ଓ ପ୍ରତିମା ମହାନ୍ତି ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ୧୦୧ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ କୃପାସିନ୍ଧୁ ଦାସ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ତଥା ରିଟର୍ଣ୍ଣିଂ ଅଧିକାରୀ ଲଳିତ ମୋହନ ବେହେରାଙ୍କ ନିକଟରେ, ୧୦୩ ବାଲିକୁଦା -ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ସୁବାଷ ଚନ୍ଦ୍ର ପରିଡ଼ା, ବିଜୁ ଜନତାଦଳର ସାରଦା ପ୍ରସନ୍ନ ଜେନା, ଭାରତୀୟ ଜାତୀୟ କଂଗ୍ରେସର ନଳିନୀ କୁମାର ସ୍ୱାଇଁ, ବହୁଜନ ସମାଜ ପାର୍ଟିର ଅମ୍ବିକା ପ୍ରସାଦ ଭୋଇ, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିର ଦିଲ୍ଲୀପ କୁମାର ତ୍ରିପାଠୀ, ସ୍ୱାଧୀନ ପ୍ରାର୍ଥୀ ହେମନ୍ତ କୁମାର ସାହୁ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସମ୍ବିତ୍ ରାଉତଙ୍କ ନିକଟରେ ଓ ୧୦୨ ତିର୍ତ୍ତୋଲ ବିଧାନସଭା(ସଂ) ନିର୍ବାଚନମଣ୍ଡଳୀ ନିମନ୍ତେ ଓଡ଼ିଶା ଜନତା ପାର୍ଟିର ପ୍ରାର୍ଥୀ ଏସ ଗିରିଜା ପ୍ରସାଦ, ସ୍ୱାଧୀନ ପ୍ରାର୍ଥୀ ଗଗନ ବେହେରା ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ତଥା ରିଟର୍ଣ୍ଣିଂ ଅଧିକାରୀ ଅଭିମନ୍ୟୁ ବେହେରା ଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ଗୋରେଖନାଥ ପୀଠରେ ଜଳସେବା ଶିବିର ଉଦ୍‌ଘାଟିତ

ରଘୁନାଥପୁର, ୧୪।୫ (ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଛପଡ଼ା ପଞ୍ଚାୟତ ଅଧୀନ କେରେକେରା ଗ୍ରାମର ବାବା ଗୋରେଖନାଥଙ୍କ ପୀଠରେ ଏକ ଜଳସେବା ଶିବିର ଗୋରେଖ ବାହିନୀର ମୁଖ୍ୟ ଉପଦେଷ୍ଟା ତଥା ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ଜେନା ଓ ଯଜ୍ଞ ପରିଚାଳନା କମିଟିର ସଦସ୍ୟ ତଥା ଛପଡ଼ା ସେବା ସମବାୟ ସମିତିର ସଭାପତି ପ୍ରମୋଦ ମହାନ୍ତିଙ୍କ ଦ୍ୱାରା ଆଜି ଉଦଘାଟିତ ହୋଇଯାଇଛି।ଉଦଘାଟନ ସମୟରେ ଗୋରେଖ ବାହିନୀର ସଭାପତି ଆଲୋକ ପଣ୍ଡା, ଯଜ୍ଞପରିଚାଳନା କମିଟିର ସଦସ୍ୟ ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବାବା ଗୋରେଖନାଥ ପୀଠରେ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ପ୍ରବଳ ଜନସମାଗମ ହେଉଥିବା ଅବସରରେ ଜେ.ଏସ.ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ ପାରାଦୀପ ଓ ଗୋରେଖ୍ ବାହିନୀର ମିଳିତ ଆନୁକୂଲ୍ୟରେ ଏହି ଜଳ ସେବା ଶିବିର ଓ ମହାଯଜ୍ଞର ସୁପରିଚାଳନା ନିମନ୍ତେ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟ, ରଘୁନାଥପୁର ସମାଜ ବିକାଶ ମିଶନ, ଗୋରେଖ ବାହିନୀ, ଆଞ୍ଚଳିକ ଯୁବକ ସଂଘ ଓ ଗୋପବନ୍ଧୁ ଫାଉଣ୍ଡେସନର କର୍ମକର୍ତ୍ତା, ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌର୍ଯ୍ୟ ରଞ୍ଜନ ପରିଜାଙ୍କ ତତ୍ତ୍ୱାବଧାନରେ ବାବା ଗୋରେଖନାଥ ମନ୍ଦିରର ବଡପଣ୍ଡା ଦିଲ୍ଲୀପ ପଣ୍ଡା, ପ୍ରଶାନ୍ତ ଭୂୟାଁ, ରମେଶ ମହାନ୍ତି, ଜୀବନ ବଲ୍ଲଭ ମହାନ୍ତି, ପୂର୍ବତନ ସରପଞ୍ଚ ବିଜୟ ସ୍ୱାଇଁ, ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ସାମାଜିକ କର୍ମୀ ସରିତ୍ ମହାପାତ୍ର, ତାପସ ମହାରଣା, ସ୍ମୃତି ରଞ୍ଜନ ବେହେରା, ବିଜ୍ଞାନ ଦାସ, ଶେଷ ପ୍ରକାଶ ସେଠୀ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ଜଳସେବା ଶିବିରର ସୁବନ୍ଦୋବସ୍ତ କରିଥିବାରୁ ଜେ.ଏସ୍.ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ ପାରାଦୀପର ଉପସଭାପତି ଧନଞ୍ଜୟ କୁମାର ସିହ୍ନା ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କୁ ଟ୍ରଷ୍ଟ ବୋର୍ଡ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



## ପ୍ରଧାନଶିକ୍ଷକଙ୍କ ଘରୁ ଚୋରି

କୁଜଙ୍ଗ, ୧୪।୫(ସମିସ): କୁଜଙ୍ଗ ଥାନା ବଳରାମପୁରର ନିମାଇଁନଗର ନିବାସୀ ତଥା ଭୂତମୁଣ୍ଡାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ କୁମରବର ସାମଲଙ୍କ ଘରୁ ଚୋରି ହୋଇଛି। ଶିକ୍ଷାବିତ୍ କୁମରବର ସାମଲ ତାଙ୍କ ପତ୍ନୀଙ୍କ ସହ ନିଜ ବାସଭବନରେ ଥିଲେ। ମାତ୍ର ଦୁର୍ବୃତ୍ତମାନେ ଘର ପଛ ଗ୍ରୀଲ୍ ତାଡ଼ି ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା, ଟଙ୍କା, ଅନ୍ୟାନ୍ୟ ଦରକାର କାଗଜପତ୍ର ଚୋରି କରିନେଇଥିବା ଅଭିଯୋଗ ହୋଇଛି। କୁଜଙ୍ଗ ପୁଲିସ ପହଞ୍ଚି ଛାନଭିନ୍ ଚଳାଇଥିବାବେଳେ ଚୋରଙ୍କୁ ଗିରଫ କରିବା କିମ୍ବା ଚୋରି ସାମଗ୍ରୀ ଜବତ କରିବାକୁ ସକ୍ଷମ ହୋଇନାହିଁ। ସେହିପରି ପଙ୍କପାଳସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଏକ ବିଦ୍ୟୁତ୍ ମଟର ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

କୁଜଙ୍ଗ, ୧୪।୫(ସମିସ): କୁଜଙ୍ଗ ଥାନା ବୋରିଖି ଗ୍ରାମର ସୁଧାକର ଜେନା (୫୦) ଙ୍କ ମୃତଦେହ ତାଙ୍କ ବୋରିଖିସ୍ଥ ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ତାମିଲନାଡୁରେ କାମ କରନ୍ତି। ଗତ କିଛିଦିନ ପୂର୍ବେ ଘରକୁ ଆସିଥିଲେ। ତାଙ୍କ ପତ୍ନୀ ବାପଘରେ ରୁହନ୍ତି। ସୁଧାକରଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି।

# ପୁଣି ଏକ ଅଜଣା ଗାଡ଼ି ଧକ୍କାରେ ଜୀବନ ଗଲା

ପାରାଦୀପ, ୧୪।୫ (ସମିସ) : ପାରାଦୀପରେ ଏବେ ସଡକ ଦୁର୍ଘଟଣା ଏତେ ବଢ଼ିବାରେ ଲାଗିଛି। ଗୋଟିଏ ଦିନରେ ଦୁଇ ଦୁଇଟି ଜୀବନ ଚାଲିଯିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି।କେତେବେଳେ କେଉଁଠି ଦୁର୍ଘଟଣା ଘଟୁଛି ତାହା ଜାଣିବା ମୁସ୍କିଲ ହୋଇ ପଡ଼ିଛି।ବିଶେଷ କରି ପାରାଦୀପ ବନ୍ଦରକୁ ଆଇରନ ନେଇ ଆସୁଥିବା ଟ୍ରକହିଁ ଏହାର ପ୍ରମୁଖ କାରଣ ପାଲଟିଛି।ଡ୍ରାଇଭର ମାନେ ନିଶା ଖାଇ ଗାଡି ଚଳାଇବା ସହିତ ଓଭରଟେକ କରି ଦ୍ରୁତ ଗତିରେ ଟ୍ରକ ଚଳାଇବା ଦ୍ୱାରା ଏଭଳି ଦୁର୍ଘଟଣା ଘଟୁଛି।ଗତକାଲି ଅପରାହ୍ନରେ ଜଣେ ଯୁବକ ଡ୍ୟୁଟିକୁ ଯାଉଥିବା ବେଳେ ହାତୀକଣ୍ଟା ନିକଟରେ ଏକ



- **ଗୋଟିଏ ଦିନରେ ଦୁଇ ଜୀବନ ଚାଲିଗଲା**
- **ଆଇରନ ଟ୍ରକ ପାଇଁ ଘଟୁଛି ଦୁର୍ଘଟଣା**
- **ଯାହାର କେହି ନାହାନ୍ତି ତାହାର ଦେବଦୂତ ଅଛନ୍ତି**

ଆଇରନ ଟ୍ରକ ଓଭରଟେକିଂକରି ଦ୍ରୁତ ଗତିରେ ଯୁବକଙ୍କ ଉପରେ ମାଡି ଯାଇଥିଲା।ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁହୋଇଥିଲା। ପୁଣି ରାତିରେ ଆଉ ଏକ ଅଜଣା ଗାଡି ଭୁତମୁଣ୍ଡାଇ ପୋଲ ଉପରେ ଜଣେ ଯୁବକଙ୍କୁ ଧକ୍କା ଦେଇ ପଳାଇଥିବା ନେଇ ଆଜି ସକାଳୁ ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲା।ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଦେବଦୂତ ସଡକ ସୁରକ୍ଷା ବାହିନୀର ପଙ୍କଜ ତରାଇ ଓ ସନ୍ତୋଷ ଦାସ ପହଞ୍ଚି ଶବକୁ ଉଠାଇଥିଲେ। ଲକ ପୁଲିସ କୁ ଜଣାଇବା ପରେ ପୁଲିସ ଦୁର୍ଘଟଣା ସ୍ଥାନରେ ପହଞ୍ଚି ଥିଲେ। ମୃତ ଲୋକର କୌଣସି ପରିଚୟ ମିଳି ପାରି ନାହିଁ।ତେବେ ରାତିରେ କେଉଁ ଏକ ଅଜଣା ଗାଡି ଯୁବକଙ୍କୁ ଧକ୍କା ଦେଇ ପଳାଇ ଯାଇଛି।ସକାଳ ୫ ଟା ସମୟରେ ସ୍ଥାନୀୟ ଦୋକାନୀ ରାସ୍ତାରେ ଶବଟି ପଡ଼ିରହିଥିବା ଦେଖିଥିଲେ। ଅଜଣା ବ୍ୟକ୍ତି ଜଣଙ୍କ ଭୁତମୁଣ୍ଡାଇ ବଜାରରେ ୪ ମାସ ହେବ ବୁଲାବୁଲି କରୁଥିଲା।ତେବେ ପରିଚୟ ନ ମିଳିବା ପର୍ଯ୍ୟନ୍ତ ଶବ ବ୍ୟବଛେଦ କରାଯାଇ ୪ ଦିନ ରଖା ଯାଇଛି।କେହି ଏଭଳି ବ୍ୟକ୍ତିର ସନ୍ଧାନ ପାଇଲେ ପୁଲିସକୁ ଜଣାଇବାକୁ ଲକଥାନା ଅଧିକାରୀ କୃଳମଣି ସେଠୀ ସୂଚନା ଦେଇଛନ୍ତି। ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି।କିଭଳି ଏହି ଦୁର୍ଘଟଣାକୁ ରୋକା ଯାଇ ପାରିବ ସେନେଇ ପ୍ରଶାସନ ନିକଟରେ ସାଧାରଣରେ ଦାବି ଉଠିଛି। ତେବେ ପାରାଦୀପ ଅଞ୍ଚଳରେ ଯେଉଁ ସବୁ ଦୁର୍ଘଟଣା ଘଟୁଛି ସେହି ସ୍ଥାନରେ ପ୍ରଥମେ ଦେବଦୂତ ସଙ୍ଗଠନର ପିଲାମାନେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ନେବା ଠାରୁ ଆରମ୍ଭ କରି ରାସ୍ତାରୁ ଶବ ଉଠାଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ହିଁ କରିଥାନ୍ତି।ତେଣୁ ଯାହାର କେହି ନାହାନ୍ତି, ତାହାର ଦେବଦୂତ ବାହିନୀ ଅଛନ୍ତି କୁହାଯାଇଛି।

# ଅଙ୍ଗଦାନ ପାଇଁ ଯୁବ ସମାଜସେବୀଙ୍କ ପଞ୍ଜୀକରଣ



କୁଜଙ୍ଗ, ୧୪।୫(ସମିସ): କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତ ବଡ଼ଙ୍ଗ ଗ୍ରାମ ନିବାସୀ ଯୁବ ସମାଜସେବୀ ପ୍ରବୀର କୁମାର ପ୍ରଧାନ ତାଙ୍କ ବିବାହ ବାର୍ଷିକୀରେ ଅଙ୍ଗଦାନ ପାଇଁ ପଞ୍ଜିକରଣ କରିଛନ୍ତି। ପତ୍ନୀ ଦେବଶ୍ରୀ ପ୍ରଧାନ ଓ ଝିଅ ଅଦ୍ୟାଶା। ପ୍ରଧାନଙ୍କ ସହ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜରାଶ୍ରମ ଅନ୍ତେବାସୀଙ୍କ ସହ ଅସହାୟ ବୃଦ୍ଧବୃଦ୍ଧାଙ୍କ ସହ ଖୁସି ମନାଇବା ସହ ନିଜ ପାଇଁ ବଞ୍ଚିବା ଅପେକ୍ଷା ଅନ୍ୟର ସୁଖ ପାଇଁ ବଞ୍ଚିବା ସଭିଙ୍କ ଧେୟ ହେଉ ବୋଲି କହିଛନ୍ତି ପ୍ରବୀର। ଶାରଳା ଜ୍ୟୋତିର ସମ୍ପାଦନା ସହ ସମାଜସେବାରେ ବ୍ରତୀ ଏହି ଯୁବ ସମାଜସେବୀ ଅଙ୍ଗଦାନ ପାଇଁ ଆଗକୁ ସଚେତନତା ଅଭିଯାନ ଚଳାଇବେ ବୋଲି କହିଛନ୍ତି। ଅସମୟରେ ଜୀବନ ଯିବା ଓ ମୂଲ୍ୟବାନ ଅଙ୍ଗକୁ ସ୍ୱାଭାବିକ ମୃତ୍ୟୁ ପରେ ପୋଡି ଦେବା ଉଚିତ ନୁହେଁ। ବରଂ ଯୁବପିଢି ଏ ନେଇ ସଚେତନ ହୋଇ କାର୍ଯ୍ୟ କଲେ ବହୁ ଜୀବନ ବଞ୍ଚିବା ସହ ମୃତ୍ୟୁ ପରେ ମଧ୍ୟ ନିଜର ମହନୀୟ ଉଦ୍ୟମ ପାଇଁ ମଣିଷ ବଞ୍ଚିରହିବ ବୋଲି ପ୍ରବୀର କହିଛନ୍ତି।

## ଲୋକଙ୍କୁ ମିଳୁନି ପାନୀୟ ଜଳ; ରାସ୍ତାରେ ଭାସୁଛି ପାଣି

ବିରିଡି, ୧୪।୫(ସମିସ): ବୁଢାପଡ଼ା ପଞ୍ଚାୟତ ପଣ୍ଡିଆ ଛକଠାରୁ ଗାଁ ଭିତରକୁ ବିଛାଯାଇଥିବା ପାନୀୟ ଜଳଯୋଗାଣ ପାଇପ ବସନ୍ତ ସାହୁ ଦୋକାନ ନିକଟରେ ଫାଟିଯାଇଥିବାରୁ ପାଣି ପଦାକୁ ବାହାରି ରାସ୍ତାରେ ମାଡୁଥିବା ଦେଖିବାକୁ ମିଳିଛି। ସେଠାରେ ନିମ୍ନ ମାନର ପାଇପ ବିଛା କାର୍ଯ୍ୟ କରାଯାଇଥିବାରୁ ଏହି ସମସ୍ୟା ଉପୁଜିଛି। ଏହି ଅବ୍ୟବସ୍ଥା ଦୀର୍ଘ ଦିନ ଧରି ଲାଗିରହିଥିଲେବି ଆରଡବ୍ଲୁଏସଏସର ଯନ୍ତ୍ରୀ ଓ ଅଧିକାରୀଙ୍କ ନଜରକୁ ନ ଆସିବା ଦୁର୍ଭାଗ୍ୟର କଥା। ଏ ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ ମଧ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଫାଟିଥିବା ପାଇପକୁ ମରାମତି କରାଯାଉ ନଥିବାରୁ ଲୋକେ ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏହି ଦୂଷିତ ପାଣି ବ୍ୟବହାର ଦ୍ୱାରା ଆଗକୁ ଜଳବାହିତ ବିଭିନ୍ନ ରୋଗର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ତେଣୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ଦାନା ବାନ୍ଧୁଛି।

## କାର୍ ସହିତ ଅଟୋ ଧକ୍କା ; ୩ ଆହତ

ରଘୁନାଥପୁର, ୧୪।୫(ସମିସ): କଟକ-ପାରାଦ୍ୱୀପ ରାଜରାସ୍ତା ରଘୁନାଥପୁରର ଗୋପାଳପୁରଠାରେ ଆଜି ଅପରାହ୍ନ ୩:୩୦ମିନିଟ ସମୟରେ ଏକ କାର ସହିତ ଅଟୋରିକ୍ସା ମୁହାଁମୁହିଁ ଧକ୍କା ହେବା ଫଳରେ ଅଟୋରେ ଥିବା ଡ୍ରାଇଭରଙ୍କ ସମେତ ଦୁଇଜଣ ଯାତ୍ରୀ ଗୁରୁତର ହୋଇ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ଗୁରୁତର ମାନଙ୍କ ମଧ୍ୟରେ ଦୀପା ନାୟକ(୨୪) ଓ ହରିହର ନାୟକ(୨୧)। ଦୀପାଙ୍କର ଗୋଡ ଭାଙ୍ଗି ଯାଇଥିବା ବେଳେ ହରିହରଙ୍କର ହାତ ଭାଙ୍ଗି ଯାଇଛି। ଡ୍ରାଇଭର ରମାକାନ୍ତ ସାହୁଙ୍କର ଆଖି ଓ ମୁହଁରେ ଗଭୀର ଆଘାତ ଲାଗିବା ସହ ସେ ରଘୁନାଥପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। କାରଟି ରାହାମା ଅଞ୍ଚଳର ହୋଇଥିବାବେଳେ ଅଟୋରିକ୍ସାଟି ଭୁବନେଶ୍ୱର ଜଙ୍କିଆ ଅଞ୍ଚଳର ବୋଲି ଜଣାପଡ଼ିଛି।

# ନିର୍ବାଚନ ପରିଚାଳନା କାର୍ଯ୍ୟରେ ଯୋଗଦେଲେ ପର୍ଯ୍ୟବେକ୍ଷକ

ଜଗତସିଂହପୁର, ୧୪।୫ (ସମିସ): ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ସାଧାରଣ ପର୍ଯ୍ୟବେକ୍ଷକ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ପୋଲିସ ପର୍ଯ୍ୟବେକ୍ଷକମାନେ ଜିଲ୍ଲାରେ ପହଞ୍ଚିଛନ୍ତି। ୧୦୧ ପାରାଦୀପ, ୧୦୩ ବାଲିକୁଦା -ଏରସମା ଏବଂ ୧୦୪ ଜଗତସିଂପୁର ବିଧାନସଭା ନର୍ବାଚନମଣ୍ଡଳୀ ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ଡ ଏଚ ପି ତୁମୋଡ(ଭାରତୀୟ ପ୍ରଶାସନିକ ସେବା), ଫୋନ ନମ୍ବର (୯୭୭୭୨୭୭୯୪୦)କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେହିପରି ୧୦୨ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ଏଚ ଜେ ଦେଶାଇ (ଭାରତୀୟ ପ୍ରଶାସନିକ ସେବା), ଫୋନ ନମ୍ବର (୯୭୭୭୨୭୫୬୨୬) ଯୋଗଦେଇଛନ୍ତି।ନିର୍ବାଚନ ସଂକ୍ରାନ୍ତୀୟ ଆପତ୍ତି ଅଭିଯୋଗ ନିମନ୍ତେ ତାଙ୍କୁ ତାଙ୍କର ମୋବାଇଲ୍ ନମ୍ବର ରେ ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ନିର୍ବାଚନୀ ଆର୍ଥିକ ଅନିୟମିତତା ସମ୍ପର୍କରେ ଅଭିଯୋଗ ନିମନ୍ତେ ୧୬- ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନେତ୍ରପାଲ ଏମ.ଏସ୍ (ଭାରତୀୟ ରାଜସ୍ୱ ସେବା) ଫୋନ୍ ନମ୍ବର -୯୫୫୬୭୪୪୯୪୧୮, ୧୦୧- ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ, ୧୦୩- ବାଲିକୁଦା- ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୧୦୪- ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆଶିଷ ଚନ୍ଦ୍ରା (ଭାରତୀୟ ରାଜସ୍ୱ ସେବା) ଫୋନ୍ ନଂ- ୯୫୫୬୭୪୫୦୮୧୯ ଓ ୧୦୨- ତିର୍ତ୍ତୋଲ (ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ସରୋଜ କୁମାର (ଆଇ.ଆର୍.ଏ.ଏସ୍) ଫୋନ୍ ନଂ- ୯୫୫୬୭୩୮୧୫୬୪ ରେ ଜନସାଧାରଣ ଯୋଗାଯୋଗ କରିପାରିବେ। ସେହିପରି ୧୬ ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ପୁଲିସ ପର୍ଯ୍ୟବେକ୍ଷକ ଭାବେ ପୀୟୂଷ ପାଣ୍ଡେ (ଭାରତୀୟ ପୁଲିସ ସେବା) ଙ୍କ ମୋବାଇଲ ନମ୍ବର ୯୫୫୬୭୪୨୦୭୩୬ ରେ ଜନସାଧାରଣ ଆଇନ ଶୃଙ୍ଖଳା ସମ୍ପର୍କୀୟ ଆପତ୍ତି ଅଭିଯୋଗ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ସାଧାରଣ ଓ ପୁଲିସ ପର୍ଯ୍ୟବେକ୍ଷକଙ୍କ ବିଭିନ୍ନ କ୍ଷେତ୍ର ପରିଦର୍ଶନ

ଜଗତସିଂହପୁର, ୧୪।୫ (ସମିସ)



ଜିଲ୍ଲାରେ ସାଧାରଣ ନିର୍ବାଚନ ୨୦୨୪ କୁ ଶାନ୍ତି ଶୃଙ୍ଖଳା ସହ ଅବାଧ ଓ ସ୍ୱଚ୍ଛ ଭାବେ ସମ୍ପାଦନ କରିବା ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଡ.ଏଚ୍ ପି ତୁମୋଡ(ଭାରତୀୟ ପ୍ରଶାସନିକ ସେବା) ୧୦୧ ପାରାଦୀପ, ୧୦୩ ବାଲିକୁଦା ଏରସମା ଓ ୧୦୪ ଜଗତସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଏବଂ ଶ୍ରୀ ଏଚ୍ ଜେ ଦେଶାଇ(ଭାରତୀୟ ପ୍ରଶାସନିକ ସେବା), ୧୦୨ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଯୋଗଦେଇଛନ୍ତି। ସେହିପରି ପୁଲିସ ପର୍ଯ୍ୟବେକ୍ଷକ ଶ୍ରୀ ପୀୟୂଷ ପାଣ୍ଡେ(ଭାରତୀୟ ପୋଲିସ ସେବା ) ୧୬ ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଯୋଗଦାନ କରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଅନୁପମ ସାହାଙ୍କ ସହ ଆସନ୍ତା ସାଧାରଣ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ଆଜି ପୂର୍ବାହ୍ନରେ ଡ.ତୁମୋଡ, ଶ୍ରୀ ଦେଶାଇ ଓ ଶ୍ରୀ ପାଣ୍ଡେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ବିଭାଗୀୟ ଅଧିକାରୀମାନଙ୍କ ସହ ସାଧାରଣ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ତିନିଜଣ ପର୍ଯ୍ୟବେକ୍ଷକ ୪ ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ ହେଉଥିବା ରିଟର୍ଣ୍ଣିଂ ଅଧିକାରୀ ମାନଙ୍କ କକ୍ଷରେ ପହଞ୍ଚି ସେଠିକାର ସ୍ଥିତି ଅନୁଧ୍ୟାନ କରିଥିଲେ।ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ନିର୍ବାଚନ ସୁପରିଚାଳନା ନିମନ୍ତେ ଖୋଲାଯାଇଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ପରିଦର୍ଶନ କରିଥିଲେ। ସେଠାରେ ପର୍ଯ୍ୟବେକ୍ଷକମାନେ ବିଭିନ୍ନ ନିର୍ବାଚନ ମଣ୍ଡଳୀର ଏଫ୍‌ଏସ୍‌ଟି, ଏସ୍ ଏସ୍ ଟି, ଭିଭିଟି ମାନଙ୍କ ସହ ଆଲୋଚନା କରି ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିଥିଲେ। ଏହାପରେ ପର୍ଯ୍ୟବେକ୍ଷକ ମାନେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ରେ ପହଞ୍ଚି ଏମ୍ ସି ଏମ୍ ସି କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ପ୍ରିଣ୍ଟ ମିଡିଆ, ଇଲେକ୍ଟ୍ରୋନିକ ମିଡିଆ ତଥା ସୋସିଆଲ ମିଡିଆରେ ପ୍ରକାଶିତ ଖବର ଗୁଡିକ ଉପରେ ଦୃଷ୍ଟି ରଖିବା ସହ ତାହାର ତଥ୍ୟ ପର୍ଯ୍ୟବେକ୍ଷକମାନଙ୍କୁ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ପେଡ଼ ନ୍ୟୁଜ ଗୁଡିକୁ ଅନୁଧ୍ୟାନ କରି ଇ ସି ଆଇ ର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପର୍ଯ୍ୟବେକ୍ଷକ ମାନେ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନ ରେ ଜିଲ୍ଲାର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନିର୍ବାଚନ ପାଇଁ ହୋଇଥିବା ଷ୍ଟ୍ରଙ୍ଗରୁମ ଏବଂ ନିର୍ବାଚନ ପରିଚାଳନା କେନ୍ଦ୍ରକୁ ଡ.ତୁମୋଡ, ଶ୍ରୀ ଦେଶାଇ ଏବଂ ଶ୍ରୀ ପାଣ୍ଡେ ପରିଦର୍ଶନ କରି ତଦାରଖ କରିଥିଲେ। ଷ୍ଟ୍ରଙ୍ଗରୁମରେ ଇଭିଏମ ଓ ଭିଭିପ୍ୟାଟ ରଖା ଯିବାର ବ୍ୟବସ୍ଥା, ବିଦ୍ୟୁତ ଓ ସୁରକ୍ଷା ବ୍ୟବସ୍ଥା, ନିର୍ବାଚନରେ ନିୟୋଜିତ ଅଧିକାରୀଙ୍କ ସୁରକ୍ଷା, ପାନୀୟ ଜଳ, ଯାତାୟାତ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଆଦି ସମ୍ବନ୍ଧରେ ସମୀକ୍ଷା କରିବା ସହ ନିବାର୍ଚନକୁ ଶାନ୍ତି ଓ ଶୃଙ୍ଖଳା ସହ ପରିଚାଳନା କରିବା ସମ୍ବନ୍ଧରେ ଜିଲ୍ଲାପାଳ ଅନୁପମ ସାହାଙ୍କ ସହ ଆଲୋଚନା କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ଓ ପୁଲିସ ପର୍ଯ୍ୟବେକ୍ଷକଙ୍କ ଗସ୍ତ ସମୟରେ, ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ଉନ୍ନୟନ ଅଧିକାରୀ ରବିନାରାୟଣ ଜେଠୀ, ଅତରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଡେପୁଟି କଲେକ୍ଟର ନିର୍ବାଚନ ସନ୍ଧ୍ୟାଞ୍ଜଳି ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଭିନ୍ନ କ୍ଲବ୍, ସଂଗଠନ ଓ ବସ୍ତି ମୁଖିଆଙ୍କ ସହ ପାଣ୍ଡିଆନ୍‌ଙ୍କ ଆଲୋଚନା

- ବିଜେପିର ଦେବଗଡ଼ ଜିଲ୍ଲା ପ୍ରଭାରୀଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ବିଜେଡିରେ ସାମିଲ
- ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ ଏବଂ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥଙ୍କୁ ଦର୍ଶନ କଲେ
- ବିରୋଧୀଙ୍କ ମିଛ ପ୍ରତିଶ୍ରୁତିରେ ନପଡ଼ି ଯୋଡ଼ିଶଙ୍ଖରେ ଭୋଟଦେବାକୁ ଆହ୍ୱାନ

**ଅନୁଗୋଳ, ୧୪।୫( ସମିସ)**

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ସୋମବାର ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରତ୍ୟାବର୍ତ୍ତନ ପୂର୍ବରୁ ମଙ୍ଗଳବାର ସକାଳେ ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଏବଂ ଅନୁଗୋଳ ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଶ୍ରୀ ପାଣ୍ଡିଆନଙ୍କ ଦର୍ଶନ ସମୟରେ ଅନୁଗୋଳ ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଲୋକସଭା ସାଂସଦ ପ୍ରାର୍ଥୀ ଡ. ଅବିନାଶ ସାମଲ, ଅନୁଗୋଳ ବିଧାୟକ ପ୍ରାର୍ଥିନୀ ସଂଯୁକ୍ତା ସିଂହ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ପୂର୍ବତନ ପୌରାଧ୍ୟକ୍ଷ ସୁକାନ୍ତି ଦାସ, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ସହପର୍ଯ୍ୟବେକ୍ଷକ ଚିନ୍ମୟ ଦାସ, ବିଜେଡି ରାଜ୍ୟ ସମ୍ପାଦକ ନିର୍ମଳ ଚନ୍ଦ୍ର ସାହୁ, ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ସମ୍ପାଦକ ବାଉରିବନ୍ଧୁ ସାହୁ, ଯୁବନେତା ଅରୁଣାଭ ସିଂହ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ରିତା ସିଂହ, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦର୍ଶନ ପରେ ଶ୍ରୀ ପାଣ୍ଡିଆନ ଅନୁଗୋଳ ସଭାଘର ଠାରେ କିଛି କମ୍ୟୁନିଟି ଏବଂ କମିଟି କର୍ମକର୍ତ୍ତାଙ୍କୁ ଭେଟିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରାର୍ଥୀ ଡ. ଅବିନାଶ ସାମଲ ଏବଂ ବିଧାୟକ ପ୍ରାର୍ଥିନୀ ସଂଯୁକ୍ତା ସିଂହ ଉପସ୍ଥିତ ଥିଲେ। ଉଭୟ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ସରକାର ଗଠନରେ ସହାୟକ ହୋଇ ଭୋଟ ଦିଅନ୍ତୁ ବୋଲି ଉପସ୍ଥିତ ଲୋକଙ୍କୁ ଅପିଲ କରିଥିଲେ। ଏ ଅବସରରେ ବିଜେଡି ସରକାରଙ୍କ କିଛି ଜଣକଲ୍ୟାଣ ଯୋଜନାର ସଫଳ ରୂପାୟନକୁ ଦୋହରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜୁମ୍ମା ମସଜିଦ, ଶିଖ ସମ୍ପ୍ରଦାୟ କମିଟି, ଉତ୍କଳ କେଶରୀ କ୍ଲବ, ପଞ୍ଚମୁଖୀ ମଣ୍ଡପ, ଗୋଡମରା ଗ୍ରାମ୍ୟ କମିଟି, ବଅଁରପାଳ ଗ୍ରାମ୍ୟ କମିଟି, ହୁଲୁରସିଂଘା ୱାର୍ଡ କମିଟି, ବାଲୁଅକଟା ଗ୍ରାମ୍ୟ କମିଟି, ଖଣ୍ଡହତା ଗ୍ରାମ୍ୟ କମିଟି, ପୁରୁନାଗଡ଼ ଦଳବେହେରା ସାହି କମିଟି, ବଲାସିଙ୍ଘା ଗ୍ରାମ୍ୟ କମିଟି, ବଳରାମ ପ୍ରସାଦ ମଧଗଡ଼ ସାହି, ବନ୍ଧା ଗ୍ରାମପଞ୍ଚାୟତ, ତାଳମୂଳ ଗ୍ରାମ ପଞ୍ଚାୟତ, ଖଲାରୀ ରାମେଶ୍ୱର ମନ୍ଦିର କମିଟି, ନାଲକୋ ଠିକା କର୍ମଚାରୀ ସଂଘ ଆଦିର କର୍ମକର୍ତ୍ତା ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ। ପରେ ଛେଣ୍ଡିପଦା ବିଧାୟକଙ୍କ ପ୍ରେରଣାରେ ଅନ୍ୟ ଦଳର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଜେପିର ସକ୍ରିୟ ନେତ୍ରୀ ତଥା ଦେବଗଡ଼ ଜିଲ୍ଲା ପ୍ରଭାରୀ ସଂଗଠିକା ସଂଘମିତ୍ରା ପ୍ରଧାନ ବିଜେଡିରେ ଆଜି ସାମିଲ ହୋଇଥିଲେ। ଅନୁଗୋଳ ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ 'ଯୁବଶକ୍ତି'ର କର୍ମକର୍ତ୍ତାମାନେ ବିଜେଡିର ବରିଷ୍ଠ ନେତା ଶ୍ରୀ ପାଣ୍ଡିଆନଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। ଶ୍ରୀ ପାଣ୍ଡିଆନ ଦଳରେ ନବାଗତଙ୍କୁ ଉତ୍ତରୀୟ ଦେଇ ଶୁଭେଚ୍ଛା ଜ୍ଞାପନ କରିଥିଲେ।

ସହରାଞ୍ଚଳ ସରକାରୀ ଜାଗାରେ ଗରିବ ଲୋକ କୁଡ଼ିଆ, ଘର କରି ରହୁଥିବା ଜାଗାକୁ ଉଚ୍ଛେଦ ନାଁରେ ସେମାନେ ଗରିବଙ୍କ ପେଟରେ ନାତ ମାରୁଥିଲେ। ମାତ୍ର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ଗରିବ ଲୋକଙ୍କୁ ଜାଗା ମିଶନ ଯୋଜନାରେ ଜମିର ସ୍ଥାୟୀ ରେକର୍ଡ ପଟ୍ଟା ପ୍ରଦାନ କରିଛନ୍ତି, ଯାହାକି ସାରା ଦେଶରେ ଅନନ୍ୟ। ପଞ୍ଜିକୃତ ଉପଯୁକ୍ତ ହିତାଧିକାରୀଙ୍କୁ ପର୍ଯ୍ୟାୟ କ୍ରମେ ଜମିପଟ୍ଟା ପ୍ରଦାନ କରାଯାଉଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ସ୍ୱାସ୍ଥ୍ୟ ସେବାରେ ବିଏସକେୱାଇ ଯୋଜନା ଗରିବଙ୍କ ମୁହଁରେ ହସ ଫୁଟାଇଛି। ଜଟିଳ ରୋଗର ନିରାକରଣ ପାଇଁ ମଧ୍ୟ ସରକାର ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ପାରୁଛନ୍ତି। ନବୀନ ସରକାରଙ୍କ ପାଇଁ ରାଜ୍ୟବାସୀଙ୍କ ପ୍ରତ୍ୟେକଟି ଜୀବନ ମୂଲ୍ୟବାନ। ଯେଉଁମାନେ ଅଦ୍ୟାବଧି ବିଏସକେୱାଇ ଯୋଜନାରୁ ବଞ୍ଚିତ ହୋଇଛନ୍ତି, ଆଗାମୀ ଦିନରେ ଉପଯୁକ୍ତ ହିତାଧିକାରୀଙ୍କୁ ସାମିଲ କରାଯିବ ବୋଲି ସେ କହିଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗୋଚାର୍ଥେ ସୂଚନା ଦେଇ ଶ୍ରୀ ପାଣ୍ଡିଆନ କହିଲେ ଯେ, '୫-ଟି' ଯୋଜନାରେ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ଓ ରୂପାନ୍ତରଣ କାର୍ଯ୍ୟ ହୋଇଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ର ଛାତ୍ରୀଙ୍କ ବୃତ୍ତି ବୃଦ୍ଧି କରାଯାଇ ୯ ହଜାରରୁ ୧୨ ହଜାର ଏବଂ ୧୦ ହଜାରରୁ ୧୪ ହଜାର କରାଯାଇଛି। ଏହାଦ୍ୱାରା ରାଜ୍ୟର ୯୦% ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି। ଯାହାକି ଜାତୀୟ ସ୍ତରରେ ଏସସି/ଏସଟି ବର୍ଗର ଛାତ୍ରଛାତ୍ରୀଙ୍କ ବ୍ୟତୀତ ଅନ୍ୟମାନେ ବଞ୍ଚିତ ହେଉଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ଜଗନ୍ନାଥଙ୍କ ରାଜ୍ୟ ଓଡ଼ିଶା। ଏଠାକାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଧାର୍ମିକ ବାତାବରଣ ଓ ଭାବାବେଗରେ ବନ୍ଧା ଓଡ଼ିଶାବାସୀଙ୍କ ଜୀବନଶୈଳୀ। ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ହେବା ଦିନଠାରୁ ଲୋକଙ୍କ ଧାର୍ମିକ ଭାବନାକୁ ସୁରକ୍ଷା ଦେବାରେ କେବେ ଏତେ ପରିମାଣର ଅନୁଦାନ ମିଳୁ ନଥିଲା। ଲୋକଙ୍କ ଭାବନା ସହିତ ଜଡ଼ିତ ହୋଇ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଠ, ମନ୍ଦିର, ମସଜିଦ ଆଦି ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ରୂପାନ୍ତରଣ କରିଛନ୍ତି। କେନ୍ଦ୍ର ବିଜେପି ସରକାର ନିର୍ବାଚନ ସମୟରେ ଲୋକଙ୍କୁ ଭୁଆଁ ବୁଲାଇବା ଲାଗି ମିଥ୍ୟା ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାରହୁଅନ୍ତି। ଏକଦା ପ୍ରତ୍ୟେକ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫ଲକ୍ଷ ଟଙ୍କା ଦେବାକୁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। ସେ ଟଙ୍କା ଗଲା କୁଆଡେ। ପୁନର୍ବାର ଏବେ ମହିଳାଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରୁଛନ୍ତି।

ବିଜେଡିର ଷଷ୍ଠଥର ଦାୟିତ୍ୱ ଗ୍ରହଣ ଆରମ୍ଭରେ ଲୋକଙ୍କୁ ମାଗଣାରେ ବିଜୁଳି ଯୋଗାଣ କରିବାକୁ ପ୍ରାଥମିକତା ଦିଆଯିବ ବୋଲି ବିରୋଧୀ ଜାଣିବା ପରେ ବାଟବଣା ହେଉଛନ୍ତି। ମାଗଣାରେ ବିଜୁଳି ଯୋଗାଣ ଜାଗାରେ ବିରୋଧୀ ଦଳ ସୋଲାର ଲାଇଟ୍ ବ୍ୟବସ୍ଥା କରାଇବାକୁ ବାହାସ୍ଫୋଟ ମାରୁଛନ୍ତି। ଲୋକଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି। ସେମାନଙ୍କ କଥାରେ ବିଶ୍ୱାସ ନ କରି ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ଶ୍ରୀ ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି।






## ବିଭିନ୍ନ ପଞ୍ଚାୟତରେ ନଳିନୀକାନ୍ତଙ୍କ ପ୍ରଚାର



**ବଇଣ୍ଡା, ୧୪।୫( ସମିସ):** ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ କିଶୋରନଗର ବ୍ଲକର କଟରଙ୍ଗା, ହଣ୍ଡପା, ନୁନୁକାପଶି, ଲୁହାମୁଣ୍ଡା ଆଦି ପଞ୍ଚାୟତର ବଇଣ୍ଡା, ନୁନୁକାପଶି, ଶରଧାମୁଣ୍ଡା, କଦଳୀମୁଣ୍ଡା, ଆନନ୍ଦମୁଣ୍ଡା, ଲୁହାମୁଣ୍ଡା, ବଣିନାଳି, ଡେବେରାପାଲି, କଟରଙ୍ଗା, ବଇସିଣା ଆଦି ଗ୍ରାମରେ ରୋଡ ସୋ କରିବା ସହ ପ୍ରଚାର କରିଛନ୍ତି। ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ଅଞ୍ଚଳବାସୀଙ୍କୁ ନିବେଦନ କରିଥିବା ବେଳେ ରାଜ୍ୟ ସରକାର ସବୁବେଳେ ଲୋକଙ୍କ ସାଥିରେ ଅଛନ୍ତି ବୋଲି କହିଥିଲେ। ଏ ପରିକି ବିରୋଧୀମାନେ କେବେଳ ନିର୍ବାଚନ ସମୟରେ ଦେଖାଦେଉଥିବା ବେଳେ ୫ ବର୍ଷରେ ନିର୍ବାଚିତ ସାଂସଦ କେବେ ବି ଏହି ଅଞ୍ଚଳରେ ଦେଖା ଦେଇ ନଥିଲେ। କେବେଳ ବିଜେଡି ସରକାର ହିଁ ଏହି ଅଞ୍ଚଳର ବିକାଶ କରିଛି ବୋଲି ଶ୍ରୀ ପ୍ରଧାନ କହିଥିଲେ। ବିଜେଡି ସରକାର ଅମଳରେ ଏହି ଅଞ୍ଚଳରେ ଅନେକ ରାସ୍ତାଘାଟର ଉନ୍ନତି ହେବା ସହ ଅନେକ ବିଦ୍ୟାଳୟର ରୂପାନ୍ତରଣ କରାଯାଇଛି। ଅନେକ ମହିଳାଙ୍କୁ ବିନା ସୁଧରେ ଋଣ ଯୋଗାଇଦେବା ସହ ଅନେକ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି। ତେଣୁ ବିଜେଡିକୁ ଭୋଟ ଦେବା ସହ ଷଷ୍ଠ ଥର ପାଇଁ ନବୀନ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଜନତାଙ୍କୁ ସେ ନିବେଦନ କରିଥିଲେ। ଏହି ପ୍ରଚାରରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଭାଗିରଥି ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରି ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ ବିଜେଡି ନେତା ସନ୍ତୋଷ ପ୍ରଧାନ, ତପନ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁନିଲ ପ୍ରଧାନ, ସରପଞ୍ଚ ଦୀପ୍ତିମୟୀ ସାହୁ, ମାନସ ରଞ୍ଜନ ସାହୁଙ୍କ ସମେତ ବହୁ ବିଜେଡି ନେତା ସାମିଲ ଥିଲେ।

## 'ଯୋଡ଼ିଶଙ୍ଖ'ରେ ଭୋଟ ଦେବାକୁ ବ୍ରଜକିଶୋରଙ୍କ ଆହ୍ୱାନ



**ତାଳଚେର ସଦର, ୧୪।୫(ସମିସ):** ତାଳଚେର ବିଜୁ ଜନତା ଦଳ ପକ୍ଷରୁ ତାଳଚେର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଆଜି ପ୍ରଚାର ଆରମ୍ଭ ହୋଇଛି। ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ପ୍ରଥମେ ତାଳଚେର ବ୍ଲକ ଅନ୍ତର୍ଗତ ସନ୍ତାପଡ଼ା ଓ ଗୁରୁଜାଙ୍ଗୁଲି ପଞ୍ଚାୟତର ଚାଇଁପାଳରେ ଥିବା ରାଧାକୃଷ୍ଣ ମନ୍ଦିର ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶ୍ରୀ ପ୍ରଧାନ ଆଜି ଏହି ଦୁଇ ଗ୍ରାମପଞ୍ଚାୟତର ଚାଇଁପାଳ, ଖୁଲୁଆ, ଲିଙ୍ଗିରା କଟାଗୁରୁଜାଙ୍ଗୁଲି, ସନ୍ତାପଡ଼ା, ଦାଶନାଳି, ଝାଡ଼ିଅମ୍ବା ଗାଁ ପ୍ରଭୃତି ପ୍ରତ୍ୟେକ ଘରକୁ ଘର ବୁଲି ଲୋକଙ୍କ ସହିତ ମିଶି ବିଜୁ ଜନତା ଦଳ ସପକ୍ଷରେ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ କରିଥିଲେ। ତାଳଚେର ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ ଓ ପୌର ପରିଷଦ ସମେତ ପ୍ରତ୍ୟେକ ଜୋନରେ ପ୍ରଚାରକୁ ଜୋରଦାର କରାଯିବ ଏବଂ ନବୀନ ସରକାରଙ୍କ ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଯିବ। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବିଜେଡିର ଘୋଷଣାପତ୍ରକୁ ପ୍ରତ୍ୟେକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଯୋଡ଼ିଶଙ୍ଖରେ ମୋହର ମାରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଶ୍ରୀ ପ୍ରଧାନ ପଞ୍ଚାୟତବାସୀଙ୍କୁ କହିଥିଲେ। ପରେ ଘଣ୍ଟାପଡ଼ା ଓ ବଣ୍ଟୁଲ ଗ୍ରାମପଞ୍ଚାୟତର ବହଲର, କୁକୁଡୁଲା, ହାଣ୍ଡିଧୂଆଁ ଷ୍ଟେସନ ଚାଳଗଡ଼ା ଗସ୍ତ କରି ଘରକୁ ଘର ବୁଲି ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ତାଳଚେର ୨୧ ଜିଲ୍ଲା ପରିଷଦ ସତ୍ୟଭାମା ସାହୁଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟା ଓ ଜୋନର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହି ପ୍ରଚାରକୁ ଜୋରଦାର କରିଥିଲେ।

## କୁଲେଇ ଓ ହରିହରପୁର ପଞ୍ଚାୟତରେ ମୁକେଶଙ୍କ ଜୋରଦାର ପ୍ରଚାର



**ପବିତ୍ରନଗର, ୧୪।୫(ସମିସ):** କଣିହାଁ ବ୍ଲକ ଅନ୍ତର୍ଗତ କୁଲେଇ ଓ ହରିହରପୁର ପଞ୍ଚାୟତରେ ପାଳଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ ପାଲ ଯୋଗଦେଇ ଗାଁକୁ ଗାଁ ଯାଇ ଜୋରଦାର ପ୍ରଚାର କରିଛନ୍ତି। ପ୍ରଥମେ ବାରୁଆଁ ଶିବମନ୍ଦିରରେ ପୂଜାପାଠ କରି ସେ ପ୍ରଚାର ଆରମ୍ଭ କରିଥିଲେ। କୁଲେଇ ପଞ୍ଚାୟତର ଡ଼ଙ୍ଗରବେଡ଼ା, ଡୁମୁଗୁଳା ହରିହରପୁର ପଞ୍ଚାୟତର ଏକଘରିଆ, ହରିହରପୁର, ଯଦୁନାଥପୁର, ବଲାଙ୍ଗି, ଦୁମଡୁମା ଆଦି ବିଭିନ୍ନ ଗ୍ରାମକୁ ଯାଇ ସେ ଭୋଟ ଭିକ୍ଷା କରିଥିଲେ। ବିଭିନ୍ନ ସ୍ଥାନରେ ମୁକେଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ସ୍ୱାଗତ କରାଯାଇଥିଲା। ଏହି ପ୍ରଚାରରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ପାଳଲହଡ଼ା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାଷ ମହାନ୍ତି, ହରିହରପୁର ପଞ୍ଚାୟତ ସରପଞ୍ଚ ଦୀପ୍ତିମୟୀ ପ୍ରଧାନ, ସୌଭାଗ୍ୟ ପ୍ରଧାନ, ସତ୍ୟାନନ୍ଦ ଗଡ଼ନାୟକ, ଯୁବନେତା ପ୍ରଦୀପ ସାମଲ, ସୁରଥ ଦେହୁରୀ, ନନ୍ଦକିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଡକାୟତି ଯୋଜନା ପଣ୍ଡ; ୫ ଗିରଫ

- ହାତ ତିଆରି ବୋମା ସହ ମାରଣାସ୍ତ୍ର ଜବତ

**ଅନୁଗୋଳ, ୧୪।୫(ସମିସ):** ଅନୁଗୋଳ ସାପ୍ତାହିକ ହାଟରେ ସଂଗଠିତ ହୋଇ ଡକାୟତି ଯୋଜନା କରୁଥିବା ବେଳେ ଏକ ଲୁଟେରା ଗ୍ୟାଙ୍ଗକୁ କାବୁକରିଛି ଟାଉନ୍ ଥାନା ପୁଲିସ। ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ବହୁ ମାରଣାସ୍ତ୍ର



ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପିଙ୍କୁ ବେହେରା(୨୯), ବବୁଲ ବେହେରା(୨୭), ଅଭୟ କୁମାର ସାହୁ(୨୯), ବଗା ସାହୁ (୨୫), ବଳରାମ ବେହେରା (୨୪) ।ପୁଲିସ ସେମାନଙ୍କଠାରୁ ୫ଟି ହାତ ତିଆରି ବୋମା, ଗୋଟିଏ ଲଙ୍କା ଗୁଣ୍ଡ ପ୍ୟାକେଟ୍,



ଗୋଟିଏ ଭୁଜାଲି, ୨ଟି କଟୁରୀ, ୩ଟି ଲୁହାଛଡ଼, ଗୋଟିଏ ବୋଲେରୋ ସହିତ ୬ଟି ମୋବାଇଲ୍ ଫୋନ୍ ଓ ୧ ଲକ୍ଷ ୫୧ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଗିରଫ ପରେ ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ କହିଛନ୍ତି।

## ପୋଷ୍ଟର ମରାକୁ ନେଇ ଯୁବକଙ୍କୁ ହତ୍ୟା ଧମକ

**ବଇଣ୍ଡା, ୧୪।୫( ସମିସ):** ଠାକୁରଗଡ଼ ଥାନା ରାଣୀଦାନ୍ତକାଠିଆ ଗ୍ରାମର ରଞ୍ଜିତ ବେହେରାଙ୍କୁ ସତ୍ୟବାଦୀପୁର ଗ୍ରାମର ଦୀପକ ବେହେରା ହତ୍ୟା ଧମକ ଦେବା ସହ ମାଡ଼ ମାରିଥିବା ରଞ୍ଜିତ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ନମ୍ବର ୧୧୭/୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ରଞ୍ଜିତ ତାଙ୍କ ଗ୍ରାମରେ ଦେଇଥିବା ଏକ ଦୋକାନରେ ଏକ ଦଳର ପୋଷ୍ଟର ଲଗାଇଥିଲେ। ଏହି ବାଟ ଦେଇ ଯାଉଥିବା ଦୀପକ ତାଙ୍କୁ କାହିକି ଏହି ପୋଷ୍ଟର ଲଗାଇଛ ବୋଲି କହିବା ସହ ପୋଷ୍ଟରକୁ ଚିରିଦ୍ଇଥିଲେ। ଏହାକୁ ନେଇ ରଞ୍ଜିତ ପଚାରିବାରୁ ଉତକ୍ଷିପ୍ତ ହୋଇ ତାଙ୍କୁ ମାଡ଼ମାରିବା ସହ ହତ୍ୟା ଧମକ ଦେଇ ଦୋକାନ ଭାଙ୍ଗିଦେବାକୁ ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

## ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ



**ଅନୁଗୋଳ, ୧୪।୫(ସମିସ):** ଅନୁଗୋଳ ନିର୍ବାଚନ ମଣ୍ଡଳୀର ବଅଁରପାଳ ବ୍ଲକ ଅନ୍ତର୍ଗତ ମହୀଧରପୁର ଗ୍ରାମପଞ୍ଚାୟତ, ବାରଗୌଣୀଆ ଗ୍ରାମପଞ୍ଚାୟତର, ବନ୍ତଲା ଗ୍ରାମପଞ୍ଚାୟତ, ବାଲୁଅକଟା ଗ୍ରାମପଞ୍ଚାୟତ ଠାରେ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟିକା ପ୍ରାର୍ଥିନୀ ସଂଯୁକ୍ତା ସିଂହ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଅନୁଗୋଳ ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଅରୂପ ଶ୍ରୀଚନ୍ଦନ, ୪ନଂ ଯୋନ ଜିଲ୍ଲା ପରିଷଦ ସଭ୍ୟ ଧ୍ରୁବଚରଣ ଦେହୁରୀ, ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ବାଉରୀବନ୍ଧୁ ସାହୁ, ୨୭ନଂ ଯୋନ ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାଏକ, ଅନୁଗୋଳ ବ୍ଲକ ବିଜୁ ଜନତା ଦଳ ସଭାପତି ଦୁର୍ଯ୍ୟୋଧନ ସାହୁ, ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ନିର୍ମଳ ଗଡନାୟକ, ସରୋଜ ନାରାୟଣ ସାହୁ, ସୁବାଷ ଚନ୍ଦ୍ର ପଟ୍ଟନାୟକ, ୪ଟି ପଞ୍ଚାୟତର ବିଜୁ ଜନତା ଦଳ ସଭାପତି ଓ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ସଙ୍ଗଠନ ଓ ଆଗାମୀ ନିର୍ବାଚନ ରଣନୀତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କିପରି ଯୋଡ଼ିଶଙ୍ଖରେ ଲୋକମାନେ ଭୋଟ ଦେବେ, ସେନେଇ ଉପସ୍ଥିତ ଅତିଥିମାନେ କର୍ମୀ ସମ୍ମିଳନୀ ଉଦବୋଧନ ଦେଇଥିଲେ।

### ସମର୍ପଣ ଏକାଡେମୀର ଶତପ୍ରତିଶତ ରେଜଲ୍ଟ

## ଦ୍ୱାଦଶରେ ଓମ୍‌ପ୍ରକାଶ, ଦଶମରେ ଅର୍ଚ୍ଚିତା ଟପ୍ପର

**ଅନୁଗୋଳ, ୧୪।୫(ସମିସ)**




ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅମଲାପଡ଼ା ସ୍ଥିତ ସମର୍ପଣ ଏକାଡେମୀରେ ଶତ ପ୍ରତିଶତ ଫଳ ହୋଇଛି। ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଅନୁଷ୍ଠାନର ସମସ୍ତ ୫୫ ଜଣ ଛାତ୍ରଛାତ୍ରୀ ଭଲ ମାର୍କରଖି କୃତକାର୍ଯ୍ୟ ହୋଇଛନ୍ତି। ଓମ୍ ପ୍ରକାଶ ପ୍ରଧାନ ସର୍ବାଧିକ ୯୭.୨ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ପ୍ରଭୁଦତ୍ତ ପ୍ରଧାନ ୯୪.୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ଶୁଭ୍ରାଂଶୁ ଶେଖର ସାହୁ ୯୨.୮ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ସମସ୍ତ ୭୫ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ୨୫ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅର୍ପିତା ପାଲ୍ ସର୍ବାଧିକ ୯୭.୪ ପ୍ରତିଶତ ନମ୍ବର ରଖି ପ୍ରଥମ, ଆର୍ଯ୍ୟ ଆଶୁତୋଷ ପରିଡ଼ା ୯୬.୪ ପ୍ରତିଶତ ରଖି ଦ୍ୱିତୀୟ ଓ ଇଶିକା ପ୍ରିୟଦର୍ଶିନୀ ଏବଂ ପ୍ରଜ୍ଞା ପ୍ରିୟଦର୍ଶିନୀ ୯୫.୮ ପ୍ରତିଶତ ନମ୍ବର ଲେଖାଏଁ ରଖି ଯୁଗ୍ମ ଭାବେ ତୃତୀୟ ସ୍ଥାନରେ ରହି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତାରେ ଅନୁଷ୍ଠାନର ଅଧ୍ୟକ୍ଷା ବୈଷ୍ଣବୀ ଦେଓ, ପରିଚାଳନା ନିର୍ଦ୍ଦେଶକ ନିରୋଦ କୁମାର ସାହୁ, ସହ ପରିଚାଳକ ପାର୍ଥ ସାରଥୀ ରାଉତ, ଶିକ୍ଷକ ଭବାନୀ ଶଙ୍କର ସାହୁ, ନିତିଶ୍ ଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ସ୍ୱାଗତିକା ନାଥଙ୍କ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

